ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक

Vol.26 . No.152 Bhubaneswar Sunday July 23 2023 | ୨୬ତମ ବର୍ଷ ସଂଖ୍ୟା-୧୫୨ ଭୁବନେଶ୍ୱର, ରବିବାର, ଜୁଲାଇ ୨୩, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଯୁବ ଭୋଟରଙ୍କୁ ଥୋପ: ସବୁ ପଂଚାୟତକୁ ମିଳିବ ଅଢ଼େଇ ଲକ୍ଷ ଟଙ୍କାର କ୍ରୀଡା ଉପକରଣ

ଭୁବନେଶ୍ୱର,୨୨।୭(ପି.ଏନ): ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟର ସବୁ ପଂଚାୟତ ଓ ସହରାଂଚଳର ପ୍ରାୟ ୮ହଜାର ବିଜୁ ଯୁବ ବାହିନୀକୁ ୫୦ହଜାର ଟଙ୍କା ଲେଖାଏଁ କ୍ରୀଡା ସାମଗ୍ରୀ ବାଂଟିଥିବା ବିଜେଡି ସରକାର ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଅନୁରୂପ ପଦକ୍ଷେପ ନେଇଛନ୍ତି । ପ୍ରତି ପଂଚାୟତକୁ କ୍ରୀଡା ଓ ଜିମ୍ ଉପକରଣ ପାଇଁ ୨.୫୦ଲକ୍ଷ ଟଙ୍କା ଦିଆଯିବ । 'ନୂଆ ଓଡିଶା ନବୀନ ଓଡିଶା' ଯୋଜନାରେ ଏହି ଅର୍ଥ ପଂଚାୟତକୁ ଯୋଗାଇ ଦିଆଯିବ । କ୍ରୀଡା ବିଭାଗର ସୁପାରିଶ ଆଧାରରେ ପଂଚାୟତିରାଜ ବିଭାଗ ଗତ ୨ଦିନ ତଳେ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏନେଇ ନିର୍ଦ୍ଦେଶନାମା ଜାରି କରିଛି । ଏହି କ୍ରୀଡା ଓ ଜିମ୍ ଉପକରଣ ବାଂଟି ଶାସକ ବିଜେଡି ରାଜ୍ୟର ଛାତ୍ର ଓ ଯୁବ ଭୋଟରଙ୍କୁ ଆକୃଷ୍ଟ କରିବାକୁ ରଣନୀତି ପ୍ରସ୍ତୁତ କରିଛି । ସୂଚନା ଅନୁସାରେ, ରାଜ୍ୟ କ୍ରୀଡା ଓ ଯୁବବ୍ୟାପାର ବିଭାଗ ସଚିବ ଆର ଭିନିଲକ୍ରିଷ୍ଣା ଚଳିତମାସ ୧୯ତାରିଖରେ ରାଜ୍ୟ ପଂଚାୟତିରାଜ



ବିଭାଗର ପ୍ରମୁଖ ସୁଶୀଲ କୁମାର ଲୋହାନୀଙ୍କୁ ଚିଠି ଲେଖି 'ଆମ ଓଡିଶା ନବୀନ ଓଡିଶା' ଯୋଜନାରେ ଯୁବବର୍ଗଙ୍କ ପାଇଁ କ୍ରୀଡା ସୁବିଧାର ବିକାଶ ଓ କ୍ରୀଡାର ପ୍ରୋତ୍ସାହନ ନିମନ୍ତେ ପଂଚାୟତସ୍ତରରେ ଯୁବବର୍ଗଙ୍କୁ କ୍ରୀଡା ଉପକରଣ ଦେବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ଉନ୍ନତମାନର କ୍ରୀଡା ଉପକରଣ ମାଧ୍ୟମରେ ଯୁବବର୍ଗଙ୍କ ଶାରୀରିକ ଓ ମାନସିକ ସୁସ୍ଥତାକୁ ସୁନିଶ୍ଚିତ କରିବା ଓ ସେମାନଙ୍କୁ କ୍ରୀଡା ପ୍ରତି ଆକର୍ଷିତ କରାଯାଇପାରିବ । ସେଥିପାଇଁ କ୍ରୀଡା ବିଭାଗ ପକ୍ଷରୁ ମୋଟ ୨୩ଟି କ୍ରୀଡାର ବିଭିନ୍ନ ଉପକରଣ ଓ ଗୋଟିଏ ଜିମ୍ କିଟ୍ ପ୍ରଦାନ ନିମନ୍ତେ ତାଲିକା ଦିଆଯାଇଛି । ବିଭିନ୍ନ ଜିଲ୍ଲାରେ ଯୁବବର୍ଗଙ୍କ ମଧ୍ୟରେ ଭିନ୍ନ ଭିନ୍ନ କ୍ରୀଡାର ଚାହିଦା ଥିବାରୁ ଏହି ତାଲିକା ମଧ୍ୟରୁ ସେମାନଙ୍କୁ ଆବଶ୍ୟକ ଉପକରଣ ଦେବା ନିମନ୍ତେ ପଂଚାୟତସ୍ତରରେ ଏହି କ୍ରୀଡା ଉପକରଣ କ୍ରୟ କରିବା ପାଇଁ ପରାମର୍ଶ ଦେଇଛନ୍ତି । ଯାହା ଉପରେ ତତ୍କାଳ ପଦକ୍ଷେପ ନେଇ ପଂଚାୟତିରାଜ ବିଭାଗର ନିର୍ଦ୍ଦେଶକ(ସ୍ୱତନ୍ତ୍ର ପ୍ରକଳ୍ପ) ଅରବିନ୍ଦ ଡାକୁଆ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖି 'ଆମ ଓଡିଶା ନବୀନ ଓଡିଶା' ଯୋଜନାରେ ଏହି କ୍ରୀଡା ଉପକରଣ କ୍ରୟ ନିମନ୍ତେ ପ୍ରତି ପଂଚାୟତ ପିଛା ଅଢ଼େଇ ଲକ୍ଷ ଟଙ୍କା ଆବଂଟନର ପ୍ରସ୍ତାବ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଇବାକୁ କହିଛନ୍ତି ।

## ରାଜ୍ୟ କଂଗ୍ରେସ ଦି'ଫାଳ ସ୍ଥିତିରେ, କାର୍ଯ୍ୟକାରିଣୀ ବୈଠକରେ ଉଠିଲା ମୋକିମ୍-ଚିରଞ୍ଜୀବ ନିଲମ୍ବନ ଝଡ

ଭୁବନେଶ୍ୱର,୨୨।୭(ପି.ଏନ): ପୁଣି ଏକ୍ ହୋଇ ଚାଲିପାରିବ ତ କଂଗ୍ରେସ ନା ବିଭାଜିତ ହୋଇଯିବ କାରଣ ଗୋଟିଏ ପଟେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଚାଲିଥିବା ବେଳେ ଅନ୍ୟପଟେ ଦଳୀୟ ଶୀର୍ଷ ନେତାଙ୍କ ନିଷ୍ପତ୍ତି ଓ ନେତୃତ୍ୱକୁ ବିରୋଧ କରାଯାଇଛି । ଖାଲି ସେତିକି ନୁହେଁ କାର୍ଯ୍ୟକାରିଣୀ ପୂର୍ବରୁ ବସିଥିବା ରାଜନୈତିକ ବ୍ୟାପାର ବୈଠକରେ ଉଠିଲା ମୋକିମ୍-ଚିରଞ୍ଜୀବ ନିଲମ୍ବନ ପ୍ରସଙ୍ଗ । ଦଳେ ସମର୍ଥନରେ ବାହାରିଥିବାବେଳେ ଆଉ କିଛି ନିଲମ୍ବନକୁ ବିରୋଧ କରିଥିଲେ ।ରାଜସ୍ଥାନର ଗେହଲଟ-ପାଇଲଟ୍ ବିବାଦକୁ ଯେପରି ବିନା କାର୍ଯ୍ୟାନୁଷ୍ଠାନରେ ଆଲୋଚନା



ମାଧ୍ୟମରେ ସମାଧାନ କରାଗଲା, ଓଡିଶାରେ କାହିଁକି ସେ ନୀତି ଆପଣା ଗଲାନାହିଁ ବୋଲି ମଧ୍ୟ ବୈଠକରେ ମତ ଉଠିଥିଲା । ଏହାସତ୍ତ୍ୱେ ରାଜ୍ୟ କାର୍ଯ୍ୟକାରିଣୀରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଛି । ଦରଦାମ ବୃଦ୍ଧି, ବେକାରୀ, ଚିଟ୍ ଫଣ୍ଡ, ପଛୁଆ ବର୍ଗ ପ୍ରତି ଅବହେଳା, ମହିଳାଙ୍କ ସୁରକ୍ଷା,ଛାତ୍ର ସଂସଦ ନିର୍ବାଚନ ପ୍ରସଙ୍ଗରେ ଆଲୋଚନା ହୋଇଛି । ଏହାକୁ ଆଧାର କରି ୨୦୨୪ ରଣନୀତି ପ୍ରସ୍ତୁତ କରିବାକୁ ଦଳ ଯୋଜନା କରିଛି ।

## ଚୁଡଙ୍ଗ ଗଡରେ ରାଜ୍ୟ ସରକାରଙ୍କ ବେଆଇନ ନିର୍ମାଣ, ଏତଲା ଦେଲା ଏଏସଆଇ



ଭୁବନେଶ୍ୱର,୨୨।୭(ପି.ଏନ): ଏକାଦଶ ଶତାବ୍ଦୀର ସଂରକ୍ଷିତ ଚୁଡଙ୍ଗ ଗଡ ଦୁର୍ଗର ସଂରକ୍ଷିତ ଅଂଚଳକୁ ଜବରଦଖଲ କରି ରାଜ୍ୟ ସରକାର କରୁଥିବା ହଷ୍ଟେଲ ଓ ପ୍ରଶାସନିକ କୋଠା ନିର୍ମାଣକୁ ତୁରନ୍ତ ବନ୍ଦ ନିମନ୍ତେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସଆଇ) ପରାମର୍ଶ ଦେଇଛି । ଯଦି ଏହି ଜବରଦଖଲ ଓ ବେଆଇନ ନିର୍ମାଣ ତୁରନ୍ତ ବନ୍ଦ ନହୁଏ ତା'ହେଲେ ଆମସାର ଆକ୍ଟ-୧୯୫୮ ଏବଂ ପବ୍ଲିକ ପ୍ରିମିସେସ୍ ଆକ୍ଟ-୧୯୭୧ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଏସଆଇ କର୍ତ୍ତୃପକ୍ଷ ଚେତାବନୀ ଦେଇଛନ୍ତି । ଏଏସଆଇ ଦ୍ୱାରା ସଂରକ୍ଷିତ 'ଚୁଡଙ୍ଗଗଡ ଦୁର୍ଗ'ରେ ବେଆଇନ ନିର୍ମାଣକୁ ତୁରନ୍ତ ବନ୍ଦ ପାଇଁ ଏଏସଆଇ କର୍ତ୍ତୃପକ୍ଷ ଗତ ମେ' ୨ତାରିଖରେ ଚିଠି ଲେଖି ପରାମର୍ଶ ଦେଇଥିଲେ ମଧ୍ୟ ରାଜ୍ୟ ସରକାର ସେଥିପ୍ରତି କର୍ଣ୍ଣପାତ ନକରିବାରୁ ଗତକାଲି ଦ୍ୱିତୀୟଥର ପାଇଁ ଏଭଳି ଚିଠି ଲେଖିଛନ୍ତି । କିନ୍ତୁ କାମ ବନ୍ଦ ବଦଳରେ ଏବେ ଅଧିକ ଦ୍ରୁତ ଗତିରେ ଚାଲୁଥିବା ଲକ୍ଷ୍ୟ କରି ଗତ ୧୮ ତାରିଖରେ ବିଭାଗୀୟ ଶାସନ ସଚିବଙ୍କୁ ପୁଣି ଏକ ଚିଠି ଲେଖିଛି ଇଝଓ । ଯେଉଁଥିରେ ରାଜ୍ୟ ସରକାରଙ୍କ ଏ ନିର୍ମାଣ କାର୍ଯ୍ୟକୁ ଆମସାର ଆକ୍ଟର ଖୋଲା ଉଲ୍ଲଂଘନ ବୋଲି ଦର୍ଶାଯାଇଛି । ତା ସହ ସଂପୃକ୍ତ ଜମି ମାଫିଆ ଓ ରାଜ୍ୟ ସରକାରଙ୍କ ଝଝରଚଡ ବିଭାଗ ବିରୋଧରେ ନିକଟରେ ଚନ୍ଦକା ଥାନାରେ ଏତଲା ଦିଆଯାଇଥିବା ସୂଚନା ଦେଇଛନ୍ତି ଇଝଓ ଅଧିକାରୀ ।

## ରାଷ୍ଟ୍ରପତିଙ୍କ କଟକ ଗସ୍ତ ବେଳେ ମୂତୟନ ହେବେ ୬୦ ପ୍ଲାଟୁନ ପୋଲିସ ଫୋର୍ସ : ଡିସିପି

କଟକ/ଭୁବନେଶ୍ୱର, ୨୨।୭ (ପି.ଏନ): କଟକରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ ନେଇ କମିସନରେଟ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ରାଷ୍ଟ୍ରପତିଙ୍କ ଗସ୍ତ ବେଳେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି କଟକ ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି ।ସେ କହିଛନ୍ତି ରାଷ୍ଟ୍ରପତିଙ୍କ କଟକ ଗସ୍ତ ବେଳେ ୬୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ । ସଭାସ୍ଥଳରେ ଏଡିସିପି ପାହ୍ୟାର ଅଧିକାରୀ ମୁତୟନ ରହିବେ । ରାଷ୍ଟ୍ରପତିଙ୍କ ରୁଟ୍ ଲାଇନ ଠାରୁ ଆରମ୍ଭ କରି ସଭାସ୍ଥଳ ପର୍ଯ୍ୟନ୍ତ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହେବେ । ରାଷ୍ଟ୍ରପତିଙ୍କ ଗସ୍ତ ରାସ୍ତାରେ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା ଗ୍ରହଣ କରାଯିବ । ଆସନ୍ତା ୨୫ ତାରିଖରେ ରାଷ୍ଟ୍ରପତି ୩ ଦିନିଆ ଓଡିଶା ଗସ୍ତରେ ଆସୁଥିବା ବେଳେ ୨୬ ତାରିଖରେ କଟକ ଗସ୍ତ କରିବେ ।

## ଲଗାଣ ବର୍ଷା ଯୋଗୁଁ ମୁମ୍ବାଇ ମହାନଗରରେ ଜନଜୀବନ ଅସ୍ତବ୍ୟସ୍ତ

ମୁମ୍ବାଇ, ୨୨।୭(ପି.ଏନ): ଗତ କିଛି ଦିନ ହେଲା ଲଗାତାର ବର୍ଷା ଯୋଗୁଁ ମୁମ୍ବାଇ ମହାନଗରରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ମହାରାଷ୍ଟ୍ରର ଅନ୍ୟ କେତେକ ସ୍ଥାନରେ ମଧ୍ୟ ଲଗାଣ ବର୍ଷା ଯୋଗୁଁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି । ତଳିଆ ଅଂଚଳ ଜଳମଗ୍ନ ହୋଇଛି । କଲ୍ୟାଣ ରେଲୱେ ଷ୍ଟେସନ ନିକଟରେ ବୈଷୟିକ ତୃଟି ଯୋଗୁଁ ମଧ୍ୟ ରେଲୱେର ଲୋକାଲ ସେବା ପ୍ରଭାବିତ ହୋଇଛି । ମଧ୍ୟ ରେଲୱେର ମୁଖପାତ୍ର କହିଛନ୍ତି ଯେ, ବୈଷୟିକ ତୃଟିକୁ ସଜାଡିବା କାମ ଜାରୀ ରହିଛି । ରାଜ୍ୟର କେତେକ ଜିଲ୍ଲାରେ ସୋମବାର ଭୀଷଣ ବର୍ଷା ହୋଇଛି । ଶନିବାର ସକାଳୁ ଜାରୀ ରହିଥିବା ଭୀଷଣ ବର୍ଷା ଯୋଗୁଁ ଦକ୍ଷିଣ ମୁମ୍ବାଇର ଦାଦର, ଲାଲବାଗ, ଗାନ୍ଧି ମାର୍କେଟ, ପଶ୍ଚିମ ଉପନଗରର ବାନ୍ଦ୍ରା, ଅନ୍ଧେରୀ, ମରୋଲ, ବୋରିବଲି ଏବଂ ମଧ୍ୟ ରେଲୱେର କୁର୍ଲା, ବିଦ୍ୟାବିହାର, କାଂଜୁରମାର୍ଗ ଆଦି ଅଂଚଳ ପାଣି ଘେରରେ ରହିଛି । କୁର୍ଲାରୁ ବିଦ୍ୟାବିହାର ପର୍ଯ୍ୟନ୍ତ ରେଳ ଧାରଣା ବୁଡି ଯାଇଛି ।

## ଶ୍ରୀମନ୍ଦିର ପ୍ରଶାସନ ହାକିମାତି ନଦେଖାଉ । ଭକ୍ତଙ୍କ ପାଇଁ ଶ୍ରୀମନ୍ଦିରର ସବୁଦ୍ୱାର ଖୋଲି ଦିଆଯାଉ

ଭୁବନେଶ୍ୱର,୨୨।୭(ପି.ଏନ): ସେ କହିଛନ୍ତି, କରୋନା ସମୟରେ ଗୋଟେ ଦ୍ୱାର ଖୋଲାଯାଇ ଅନ୍ୟ ଦ୍ୱାର ବନ୍ଦ କରାଯାଇଥିଲା । ତେବେ କରୋନା ଡର ଆଉ ନାହିଁ । ତେଣୁ ଚାରିଦ୍ୱାର ଖୋଲାଯାଉ । ଚାରୋଟି ଦ୍ୱାର ସହିତ ଜଡିତ ଭକ୍ତଙ୍କ ଭାବାବେଗ । ତେଣୁ ଖୋଲିବା ନିତ୍ୟାନ୍ତ ଜରୁରୀ । ଶ୍ରୀମନ୍ଦିର ଚାରିପାଖରେ ରହିଥିବା ଜବର ଦଖଲ ହଟିଥିବାରୁ ପରିବେଶ ଉନ୍ମୁକ୍ତ ହୋଇଛି । ତେଣୁ ରାଜ୍ୟ ସରକାର ଶ୍ରୀମନ୍ଦିରର ୪ଟି ଯାକ ଦ୍ୱାର ଖୋଲିଲେ ପୁରୀରେ ରହୁଥିବା ବାସିନ୍ଦା



ଓ ଏଠାରେ ଶ୍ରୀଜଗନ୍ନାଥ ଦର୍ଶନ ନିମନ୍ତେ ରହୁଥିବା ଶ୍ରଦ୍ଧାଳୁ ଉପକୃତ ହେବେ । କାରଣ ଜଗା ସାଙ୍ଗରେ ସେମାନଙ୍କର ନୀତି ଦିନିଆ ସମ୍ପର୍କ, ଘରୋଇ ସମ୍ପର୍କ । ଜଗା ସହିତ ସେମାନଙ୍କ ବିଶେଷ ଭାବାବେଗ ଜଡିତ । ବୟସ୍କ ହୁଅନ୍ତୁ ଅବା ମହିଳା, ଯିଏ ଯେଝା ସମୟରେ ସ୍ୱଚ୍ଛନ୍ଦରେ ଶ୍ରୀମନ୍ଦିରକୁ ଯାଇ ଠାକୁର ଦର୍ଶନ କରିବା ନିମନ୍ତେ ହଜାର ହଜାର ବର୍ଷ ତଳେ ଚାରି ଦ୍ୱାର ହୋଇଛି । ଏହାକୁ ସ୍ଥାୟୀ ଭାବେ ବନ୍ଦ କରିବା ଭଲ ହେବନି । ଭକ୍ତଙ୍କ ଭାବାବେଗ ସହ ଜଡିତ ସମସ୍ତ ଦ୍ୱାର ସେମାନଙ୍କ ନିମନ୍ତେ ଖୋଲିଦେବା ନିତାନ୍ତ ଜରୁରୀ । ଶ୍ରୀମନ୍ଦିର ପ୍ରଶାସନ କର୍ତ୍ତୃପକ୍ଷ ହାକିମାତି ନ ଦେଖାଇ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ସମାଧାନ କରନ୍ତୁ ।

## ୩.୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ୨ ଗିରଫ

ଭଦ୍ରକ, ୨୨।୭(ପି.ଏନ): ଭଦ୍ରକ ଜିଲା ଏବେ ଧଳା ଜହରର ପେଣ୍ଠରେ ପରିଣତ ହୋଇଥିବାବେଳେ ଜିଲା ଅବକାରୀ ବିଭାଗ ଚେଇଁ ଶୋଇଛି । ବିଗତ ଦିନମାନଙ୍କରେ ଏହି ନିଶାଦ୍ରବ୍ୟକୁ ରୋକିବା ଦିଗରେ ରାଜ୍ୟର ଏସ୍‌ଟିଏଫ୍ ଟିମ୍ ମଝିରେ ମଝିରେ ବିପୁଳ ପରିମାଣର ଧଳା ଜହର ଜବତ କରିଆସୁଥିବାବେଳେ ପୁଲିସ୍ ମଧ୍ୟ ବହୁ ନିଶାଦ୍ରବ୍ୟ ଜବତ କରି ଅନେକଙ୍କୁ ଗିରଫ କରିବାରେ ସଫଳ ହୋଇଛି । କିନ୍ତୁ ଜିଲା ଅବକାରୀ ବିଭାଗ ଓ ନିଶା ମାଫିଆଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଏହି ନିଶା ଚୋରା ଚାଲାଣକୁ ରୋକାଯାଇପାରୁନାହିଁ ବୋଲି ବହୁ ବୁଦ୍ଧିଜୀବୀ ମତବ୍ୟକ୍ତ କରିଆସୁଥିବାବେଳେ ଆଜି ପୁଣିଥରେ ପୁଲିସ୍ ପ୍ରାୟ ୩.୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଧରିବାରେ ସଫଳ ହୋଇଛି । ଏ ସଂପର୍କରେ ଆଜି ଗ୍ରାମା ଳ ଥାନାରେ ଏସ୍‌ଡିପିଓ ସୌରଭ ହୋତା ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ଗତକାଲି ରାତିରେ ଭଦ୍ରକ ଗ୍ରାମା ଳ ଥାନା ପକ୍ଷରୁ ଏମ୍‌ଭି ଚେକିଂ କରାଯାଉଥିବାବେଳେ ୧୬ନଂ ଜାତୀୟ ରାଜପଥର ରାହାଞ୍ଜି ନିକଟରେ ଦୁଇଜଣ ଯୁବକ ଏକ ପଲସର ୨୨୦ ମୋଟର ସାଇକେଲ୍‌ରେ ସନ୍ଦେହଜନକ ଭାବେ ଆସୁଥିବାବେଳେ ପୁଲିସ୍ ସେମାନଙ୍କ ନିକଟରୁ ୧୨.୨୦ ଗ୍ରାମ ବ୍ରାଉନସୁଗାର ଜବତ କରିଛି । ରାତି ପ୍ରାୟ ୧.୨୦ ସମୟରେ ପୁଲିସ୍ ବାଲେଶ୍ୱର ଦିଗରୁ ଭଦ୍ରକ ଆସୁଥିବା ଯାଜପୁର ଜିଲା ଝାଟିଆସାହି ନିବାସୀ ନକୁଳ ଜେନାଙ୍କ ପୁତ୍ର ଶ୍ୟାମସୁନ୍ଦର ଜେନା (୨୫) ଓ ସେହି ଜିଲାର ଆଙ୍କୁଳା ଗ୍ରାମନିବାସୀ ଲକ୍ଷ୍ମଣ ଜେନାଙ୍କ ପୁତ୍ର ପ୍ରତାପ ଜେନା (୩୨) କୁ ଗିରଫ କରିଥିଲେ । ଏବଂ ପ୍ରାୟ ୩.୫ ଲକ୍ଷ ଟଙ୍କା ମୂଲ୍ୟର ବ୍ରାଉନସୁଗାର ସହ ୩ଟି ମୋବାଇଲ୍ ଓ ବାଇକ୍‌ଟିକୁ ଜବତ କରି ଆଜି ଗ୍ରାମା ଳ ଥାନା କେଶ୍ ନଂ ୪୪୭/ ୨୧.୭.୨୩, ଦଫା ୨୧(ବି)/୨୯ ଏନ୍‌ଡିପିଏସ୍ ଆକ୍ଟ ମୂଳେ କୋର୍ଟ ଚାଲାଣ କରିଛନ୍ତି । ତେବେ ଯୁବକ ଦୁଇଜଣ କେଉଁ ପରିସ୍ଥିତିରେ କେଉଁଠାରୁ ଏହି ନିଶା ସାମଗ୍ରୀ ଆଣୁଥିଲେ, ସେ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଏସ୍‌ଡିପିଓ ଶ୍ରୀ ହୋତା ଗଣମାଧ୍ୟମକୁ କହିଛନ୍ତି ।

## ଆହୁରି ୪ ଦିନ ବର୍ଷା

ଭୁବନେଶ୍ୱର, ୨୨।୭(ପି.ଏନ): ଉତର-ପଶ୍ଚିମ ବଙ୍ଗୋପସାଗର ଏବଂ ଓଡ଼ିଶାର ତଟୀୟ କ୍ଷେତ୍ରରେ ସୃଷ୍ଟ ଲଘୁଚାପବଳୟ ସକ୍ରିୟ ରହିଛି । ଏଥିଯୋଗୁ ଉପକୂଳ ସମେତ ଆଭ୍ୟନ୍ତର ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆହୁରି ୪ ଦିନ ରାଜ୍ୟର ଅନେକ ଜିଲ୍ଲାରେ ପ୍ରବଳ ଏବଂ କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଥିବା ନେଇ ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର । ପ୍ରବଳ ବର୍ଷା ନେଇ ଆସନ୍ତା ୨୪ ଘଂଟା ଯାଏଁ (୨୨ ଜୁଲାଇ ସକାଳ ୮ଟା ୩୦ରୁ ୨୩ ଜୁଲାଇ ସକାଳ ୮ଟା ୩୦ ପର୍ଯ୍ୟନ୍ତ) ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରୀ କରାଯାଇଛି । ୟେଲୋ ୱାର୍ଣ୍ଣିଂ ଜାରୀ କରାଯାଇଥିବା ଜିଲ୍ଲା ଗୁଡିକ ହେଲା ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, କନ୍ଧମାଳ, ଗଞ୍ଜାମ, ଦେବଗଡ଼ ଏବଂ ବୌଦ୍ଧ । ଏ ସମସ୍ତ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ୭ରୁ ୧୧ ସେମି ଯାଏଁ ବର୍ଷାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

## ଆଜି ଖୋଲିବ ହୀରାକୁଦ ଡ୍ୟାମ୍‌ର ୫ ଟି ଗେଟ୍

ଭୁବନେଶ୍ୱର, ୨୨।୭(ପି.ଏନ): ଆସନ୍ତାକାଲି (ରବିବାର) ହୀରାକୁଦ ଡ୍ୟାମ୍ ରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ଛଡ଼ାଯିବ । ପ୍ରଥମ ପର୍ଯ୍ୟାୟରେ ୫ଟି ଗେଟ୍ ଖୋଲାଯିବ । ରବିବାର ସକାଳ ୯ଟାରେ ହୀରାକୁଦ ଡ୍ୟାମ୍ ର ଗେଟ ଖୋଲିବ । ଉପରମୁଣ୍ଡରେ ପ୍ରବଳ ବର୍ଷା ହେଉଥିବାରୁ ହୀରାକୁଦରୁ ପାଣି ଛଡ଼ାଯିବ । ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ ରହିଥିବା ବେଳେ ଏବେ ଜଳପତନ ୬୧୪.୩୩ଫୁଟରେ ପହଂଚିଛି ।ଡ୍ୟାମକୁ ସେକେଣ୍ଡକୁ ୯୧ ହଜାର ୨୪୦ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପ୍ରାୟ ୩୯ ହଜାର ୫୮୨ ଘନଫୁଟ ଜଳ ନିଷ୍କାସିତ ହେଉଛି । ବନ୍ୟା ଜଳ ଛାଡ଼ିବା ବେଳେ ମହାନଦୀ ଭିତରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି । ମାଇକ ଯୋଗେ ବିଭିନ୍ନ ସ୍ଥାନରେ ବୁଲି ଲୋକଙ୍କୁ ସତର୍କ କରାଇଛନ୍ତି ।



## ବିଜେଡି ବିଧାୟକ ଓ ସାଂସଦଙ୍କ ନିକଟକୁ ଗାନ୍ଧିଜୀଙ୍କ ତିନି ମାଙ୍କଡ ଫଟୋ ପଠାଇଲେ କଂଗ୍ରେସ ପ୍ରଭାରୀ

ଭୁବନେଶ୍ୱର,୨୨।୭(ପି.ଏନ): ଓଡିଶାରେ ଚାଲିଥିବା ଶାସନ ବ୍ୟବସ୍ଥାକୁ ନେଇ କଂଗ୍ରେସ ପ୍ରଭାରୀ ଚେଲ୍ଲା କୁମାରଙ୍କ କଡା ମନ୍ତବ୍ୟ । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଚେଲ୍ଲା କୁମାର ବିଜେଡି ସରକାର ଉପରେ ଖୁବ ବର୍ଷିବା ସହ ଗଣତନ୍ତ୍ରକୁ ଜଣେ ପ୍ରଶାସକ ଉପହାସ କରୁଥିବା କହିଛନ୍ତି । ଏଭଳି ଜଣେ ଜୁନିଅର ଆଇଏଏସ୍ ? କାର୍ଯ୍ୟକୁ କଂଗ୍ରେସ ନିନ୍ଦା କରୁଥିବା କହିଛନ୍ତି ଚେଲ୍ଲା କୁମାର । ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ଏବେ ଗୃହବନ୍ଦୀ । ତେଣୁ ଦିନ ଆସିବ ସୁପର ସିଏମ୍ ଭାବେ ସଂପୃକ୍ତ ଜୁନିଅର ଆଇଏଏସ 'ମୁଖ୍ୟମନ୍ତ୍ରୀଙ୍କ ସ୍ଥାନରେ ବିଧାନସଭାରେ ଭାଷଣ ଦେବା ମଧ୍ୟ ଆଶ୍ଚର୍ଯ୍ୟଜନକ କଥା ହେବନାହିଁ ବୋଲି କହିବା ମୁସକିଲ । ତେଣୁ ଏହି ପରିପ୍ରେକ୍ଷୀରେ କଂଗ୍ରେସ ଦଳ ଏବେ ବିଜେଡିର ସବୁ ମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କ ନିକଟକୁ ଗାନ୍ଧିଙ୍କ ତିନି ମାଙ୍କଡ଼ ଫଟୋ ଓ ରାଜ୍ୟରେ ଚାଲିଥିବା ଏ ଶାସନ ବ୍ୟବସ୍ଥାରେ ସମ୍ପର୍କରେ ମୁହଁ ଖୋଲିବାକୁ ଏକ ଚିଠି ମଧ୍ୟ ପଠାଇଛି । ରାଜ୍ୟରେ ଅଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଚାଲିଥିବା ସମ୍ପର୍କରେ ଚିଠି ଓ ଫଟୋ ମାଧ୍ୟମରେ ଚେତାଇ ଦିଆଯାଇଛି ବୋଲି ଚେଲ୍ଲା କୁମାର ସୂଚନା ଦେଇଛନ୍ତି ।

## ନକଲି ମସଲା ଉତ୍ପାଦନ କାରଖାନା ଉପରେ ଚଢ଼ାଉ, ଜଣେ ଅଭିଯୁକ୍ତ ଗିରଫ

କଟକ,୨୨।୭(ପି.ଏନ): ଦିନକୁ ଦିନ ବଢୁଛି ନକଲି ଖାଦ୍ୟ ଉତ୍ପାଦନ । ଶନିବାର ଦିନ କଟକ ମାଲଗୋଦାମ ସ୍ଥିତ ଏକ ନକଲି ମସଲା ପ୍ରସ୍ତୁତ କରୁଥିବା କାରଖାନା ଉପରେ କଟକ ମୁନିସିପାଲ କର୍ପୋରେସନ(ସିଏମସି) ଏବଂ ପୋଲିସ ମିଳିତ ଭାବରେ ଚଢ଼ାଉ କରିଛନ୍ତି । ତେବେ ଏହି ଘଟଣାରେ ଅଭିଯୁକ୍ତ ବ୍ୟବସାୟୀ ଅରୁଣ କୁମାର ଗନ୍ତାୟତକୁ ଗିରଫ କରାଯାଇଛି ।ରିପୋର୍ଟ ଅନୁଯାୟୀ, ପୋଲିସ ଏବଂ ସିଏମସର ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ନେତୃତ୍ୱରେ ଏକ ମିଳିତ ଦଳ ନକଲି ସାମଗ୍ରୀ ବିଷୟରେ ଜାଣିବା ପରେ କାରଖାନା ଉପରେ ଚଢ଼ାଉ କରିଥିଲେ । କାରଖାନାରେ ଖୋଜାଖୋଜି ବେଳେ ଚାଉଳ, ହଳଦୀ ଗୁଣ୍ଡ, କୃତ୍ରିମ ରଙ୍ଗ, ରାସାୟନିକ ପଦାର୍ଥ



ସହ ପ୍ରାୟ ୨୦ କୁଇଣ୍ଟାଲର ନକଲି ମସଲା ଜବତ କରାଯାଇଛି । ତେବେ ଜବତ ମସଲାର ମୂଲ୍ୟ ପ୍ରାୟ ୧୫-୨୦ଲକ୍ଷ ଟଙ୍କା ହେବା ନେଇ ଅନୁମାନ କରାଯାଉଛି ।କଟକ ଜୋନ୧ ଏସିପି ଅରୁଣ କୁମାର ସ୍ୱାଇଁ ଦେଇଥିବା ସୂଚନା ଅନୁସାରେ, ଅଭିଯୁକ୍ତ ବ୍ୟବସାୟୀ ଗତ ପାଞ୍ଚ ମାସରୁ ଏହି ନକଲି ମସଲା ଉତ୍ପାଦନ କାରଖାନାକୁ ଚଳାଉଥିଲା । ଏହା ସହ ହୋଲସେଲ୍ ବଜାରରେ ନକଲି ଜିନିଷ ବିକ୍ରି କରୁଥିଲା । ଅଭିଯୁକ୍ତକୁ ଗିରଫ କରାଯାଇଛି ଏବଂ ତାଙ୍କ ସହ ଜଡିତ ଥିବା ଅନ୍ୟ ବ୍ୟବସାୟୀଙ୍କୁ ମଧ୍ୟ ପୋଲିସ ଯାଞ୍ଚ କରୁଛି ।

## ସିବିଏସଇ ସ୍କୁଲରେ ବିକଳ୍ପ ଭାଷା ଭାବରେ ମାତୃଭାଷାରେ ପାଠ ପଢିପାରିବେ ଛାତ୍ରଛାତ୍ରୀ:ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୨୨।୭(ପି.ଏନ): ସିବିଏସଇ ଅନୁବନ୍ଧିତ ସ୍କୁଲ ଗୁଡିକରେ ଛାତ୍ରଛାତ୍ରୀ ମାନଙ୍କୁ ବିକଳ୍ପ ଭାଷା ଭାବରେ ମାତୃଭାଷାରେ ଶିକ୍ଷାଦାନ ଦିଆଯାଇପାରିବ । ଏଥିପାଇଁ ସିବିଏସଇ ବିଜ୍ଞପ୍ତି ଜାରି କରିସାରିଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଶ୍ରୀ ପ୍ରଧାନ କହିଛନ୍ତି ବିଶ୍ୱର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ରାଷ୍ଟ୍ରୀୟ ଶିକ୍ଷା ନୀତି ସମସ୍ତ ଭାରତୀୟ ଭାଷାକୁ ଗୁରୁତ୍ୱ ଦେଉଅଛି । ପୂର୍ବରୁ ସିବିଏସଇ ସ୍କୁଲରେ କେବଳ ଇଂରାଜୀ ଓ ହିନ୍ଦିରେ ପାଠ ପଢ଼ାଯିବାର ବ୍ୟବସ୍ଥା ଥିଲା । ଏଣିକି ସମସ୍ତ ସିବିଏସଇ ସ୍କୁଲରେ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କୁ ଇଂରାଜି ଓ ହିନ୍ଦି ଭାଷା ବ୍ୟତିତ ପିଲାଙ୍କ ଇଚ୍ଛାନୁସାରେ ଓଡ଼ିଆ ଏବଂ ଅନ୍ୟାନ୍ୟ ଭାରତୀୟ ଭାଷାରେ ଶିକ୍ଷା ଦିଆଯିବ ।ମାତୃଭାଷାରେ ପାଠ ପଢ଼ିଲେ ହିଁ ଛାତ୍ରଛାତ୍ରୀମାନେ ଭଲ ଭାବେ ପାଠକୁ ବୁଝି ପାରିବେ । ମୂଳ ବିଷୟର ସ୍ୱଷ୍ଟତା ଆସିବ । ଛାତ୍ରଛାତ୍ରୀଙ୍କର ଚିନ୍ତନ ଶକ୍ତି ବୃଦ୍ଧି ପାଇବ, ଯାହା ଶିକ୍ଷା ନୀତିର ଉଦ୍ଦେଶ୍ୟ ରହିଛି । ତେବେ ପିଲାମାନେ କେଉଁ ଭାଷାରେ ପାଠ ପଢିବେ, ସେଥିପାଇଁ କୌଣସି ଛାତ୍ରଛାତ୍ରୀଙ୍କୁ ବାଧ୍ୟ କରାଯିବନାହିଁ । ସିବିଏସଇ ସ୍କୁଲ ଗୁଡ଼ିକ ଧୀରେ ଧୀରେ ଏ ବ୍ୟବସ୍ଥାକୁ ଆପଣାଇବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହି ପଦକ୍ଷେପ ଭାରତୀୟ ଭାଷା ଆଧାରିତ ଶିକ୍ଷାକୁ ବଢାଇବ । ଶିକ୍ଷାର ଆଉଟକମ ପାଇଁ ଏହା ଏକ ଭଲ ଶୁଭାରମ୍ଭ ବୋଲି ସେ କହିଛନ୍ତି ।





# ଟି ଟାଇମ୍

## ଜୋକ୍ସ



ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି

ବାପା-କିଏ କିଏ ଆସୁଛନ୍ତି ?

ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।

ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।

ହରି-କିପରି ?

ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜତ୍ୱ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବିୖଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟୋଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ଟ୍ୟକଙ୍କ ଭିଡ। ଏହି ଉଦେଷ୍ୟୋଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟଷ୍ଟ୍ୟରେ ସାହାଯଷ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ଟ୍ୟତୀତ ଅନଷ୍ଟ୍ୟ ରାଜଷ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ଟ୍ୟାରେ ପର୍ଯ୍ୟଷ୍ଟ୍ୟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଷ୍ଟ୍ୟକଙ୍କ ବର୍ଦ୍ଧିତ ସଂଖଷ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଷ୍ଟ୍ୟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଷ୍ଟ୍ୟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଷ୍ଟ୍ୟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଷ୍ଟ୍ୟକଙ୍କ ଭିଡକୁ ଲକ୍ଷଷ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ଟ୍ୟତି ହେବି ନାହିଁ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟଷ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯ୍ୟଷ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଷ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯ୍ୟଷ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଷ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

# ସାହିତ୍ୟ ଦର୍ପଣ



## ପଶ୍ଚାତାପ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଟିକେ କଥାରେ ରାଗି ପଞ୍ଚମ ହୋଇଯାଉଥିବା ଦୁର୍ବାଦଳ ବାବୁଙ୍କୁ ସମସ୍ତଙ୍କର ଡର । କଥା କଥାକେ ଗାଳି ଦେବା ତ ସାଧାରଣ କଥା, ଅନାୟାସରେ ଲୋକଙ୍କ ଉପରେ ତାଙ୍କର ହାତ ବି ଉଠିଯାଏ ବହୁ ସମୟରେ । ନିଜ ରାଗ ଓ ଅସନ୍ତୋଷକୁ ନିୟନ୍ତ୍ରଣ କରିବା ପରିବର୍ତ୍ତ ? ସାମନା ଲୋକକୁ ଅପମାନିତ, ଅପଦସ୍ଥ କରିବା ତାଙ୍କର ଅଭ୍ୟାସରେ ପରିଣତ ହେଲାଣି । ଅନ୍ୟର ସାମାନ୍ୟ ଭୁଲ ବି ତାଙ୍କୁ ବିଚଳିତ କରିଦିଏ । ସେ ରାଗୀ ଥିବାବେଳେ ତାଙ୍କ ମୁଖଭଙ୍ଗୀର ପରିବର୍ତ୍ତନ ଏବଂ ରୌଦ୍ରରୂପ ଦେଖିଲେ ସ୍ତ୍ରୀ ଓ ପିଲାମାନେ ବି ପାଖକୁ ଆସନ୍ତି ନାହିଁ । ପରିବାର ତଥା ପଡ଼ୋଶୀଙ୍କ ପାଖରେ ଜଣେ ପ୍ରଚଣ୍ଡ ରାଗୀ ମଣିଷ ରୂପେ ତାଙ୍କର ନାଁ । ଥରେ କାମ ସାରି ସନ୍ଧ୍ୟାରେ ଘରକୁ ଫେରିଥାନ୍ତି ଦୁର୍ବାଦଳ ବାବୁ, ବୈଠକ ଘରେ ପଶୁ ପଶୁ କାନ୍ଥରେ ନଜର ପଡିଲା ମାତ୍ରେ ତାଙ୍କ ରାଗ ଦେଖେ କିଏ ? ସଦ୍ୟ ରଙ୍ଗ କରାଯାଇଥିବା ତୋଫା ଧଳା କାନ୍ଥରେ କଳା, ନାଲି ଓ ମାଟିଆ ରଙ୍ଗ କ୍ରେୟନ୍ ରେ ନାନାଦି ବଙ୍କା, ତେଢ଼ା, ଚକ୍ରାକାର ଓ ଛାପ ଛାପିଆ ଚିହ୍ନ ! ହଠାତ୍ ଏ ଦୃଶ୍ୟ ଦେଖି ସତେକି ସେ ଆକାଶରୁ ଖସି ପଡିଲେ । ପାଞ୍ଚ ବର୍ଷର ପୁଅ ସିପୁ ଏଇ କାମ କରିଥିବ ବୋଲି ସେ ନିଶ୍ଚିତ ହେଇଗଲେ । କର୍କଶ ସ୍ୱରରେ ସ୍ତ୍ରୀଙ୍କୁ ଡ଼ାକ ପକେଇଲେ ଦୁର୍ବାଦଳ ବାବୁ, ' କିଏ କରିଛି ଏ ଦୁଷ୍ଟାମୀ, ତାର ଜୀବନକୁ ଭୟ ଛାଡ଼ିଗଲାଣି ବୋଧେ ? '

ସ୍ତ୍ରୀ ସ୍ୱାମୀଙ୍କ ଏହି ବ୍ୟବହାର ସହ ପୂର୍ବରୁ ଅବଗତ । ଯେଉଁଠି, ଯେଉଁ ଅବସ୍ଥାରେ ଥିଲେ, ଯାହା କରୁଥିଲେ ସବୁ କାମ ଛାଡ଼ି ଆସି ଅପରାଧୀ ଭଳି ତାଙ୍କ ଆଗରେ ଛିଡାହେଲେ । ଗୋଟିଏ ବିରାଟ ଝଡ଼ର ଆଶଙ୍କା ତାଙ୍କ ଛାତି ଥରାଇ ଦେଉଥିଲା ।

' କୁଆଡେ ଗଲା ସିପୁ ? ତାର ତ ଭାରି ସାହସ ହେଲାଣି ଦେଖୁଛି ! ତାକୁ ଆଉ କଣ କିଛି ଜାଗା ମିଳିଲାନି ରଙ୍ଗ ଗାରେଇବାକୁ ! ଆଉ ସେ ତ ଛୋଟ ପିଲାଟିଏ, ତମେ ସେତେବେଳେ କଣ କରୁଥିଲ ଯେ ତାକୁ ବାରଣ କରି ପାରିଲ ନାହିଁ । କୁଆଡେ ଗଲା ସେ ବଦମାସ୍ ଟୋକା, ଡାକିଲ ତାକୁ । '

ସ୍ତ୍ରୀ ସେତେବେଳେ ଭୟରେ ଛେପ ଢ଼ୋକି ସାରିଲେଣି । ପିଲାଟା ଯେ ଏବେ ନିର୍ଘୁମ୍ ମାଡ଼ ଖାଇବ, ସେ ଆଶଙ୍କାରେ ତାଙ୍କର ଅବସ୍ଥା ଖରାପ ହେଲାଣି । ସ୍ତ୍ରୀଙ୍କୁ ଆଉ ଅପେକ୍ଷା ନ କରି ସେ ସିଧା ଭିତର କୋଠରୀକୁ ପଶିଗଲେ ।

ଖଟର ଗୋଟିଏ କଣରେ ଜାକିଜୁକି ସନ୍ତ୍ରସ୍ତ ବିଲେଇଟିଏ ଭଳି ବସିଥିଲା ସିପୁ । ସିପୁର ଦୁଇ ହାତକୁ ଜୋର କରି ଭିଡ଼ି ଆଣି ' ଠୋ ' କରି ଶକ୍ତ ଚ଼ଟକଣା ଟିଏ ତା' ଗାଲରେ ବସେଇଦେଲେ ଦୁର୍ବାଦଳ ବାବୁ । ସିପୁର ନରମ ଗୋରା ଗାଲରେ ଚ଼ାରୋଟି ଆଙ୍ଗୁଠିର ଦାଗ କ୍ଷଣିକ ଭିତରେ ଉକୁଟି ଆସିଲା । ଭୟ ଓ ଲାଜରେ ମୁହଁ ନାଲି ପଡିଗଲା ସିପୁର। ଶୁଖିଲା କାଠ ଖଣ୍ଡେ ଭଳି ହଠାତ ତା ଶରୀର ତକିଆରେ ମୁହଁ ମାଡି ପଡିଗଲା । ହାତରେ ମୁଠା କରି ଧରିଥିବା କାଗଜ ଖଣ୍ଡକୁ ଛାଡ଼ି ଦେଇ, ହାତରେ ଗାଲକୁ ଧରି ରାହା ଧରି କାନ୍ଦିବାକୁ ଲାଗିଲା ସେ । ସିପୁର କାନ୍ଦ ଶୁଣି ମାଆ ଆସି ତାକୁ କୋଳେଇ ନେଇ ଅନ୍ୟ କୋଠରୀକୁ ଚ଼ାଲିଗଲେ । ତାଙ୍କ ଅନୁମାନ ସତ ହୋଇଯାଇଥିଲା, ସବୁଥର ଭଳି ଦୁର୍ବାଦଳ ବାବୁ ପ୍ରଚ଼ଣ୍ଡ କ୍ରୋଧର ପ୍ରତୀକ ସ୍ୱରୂପ ହାତ ଉଠେଇ ତାଙ୍କ ରାଗ ଶାନ୍ତ କରିବାକୁ ଚେଷ୍ଟା କରିଛନ୍ତି । ଚ଼ଟକଣାର ପ୍ରଭାବ ଏତେ ଥିଲା ଯେ, ସିପୁ ବେହୋସ ହେଲା ଭଳି ତଳେ ପଡିଗଲା ।

ସ୍ତ୍ରୀ ସିପୁକୁ ତାଙ୍କ ଆଖି ଆଗରୁ ନେଇଗଲା ପରେ ଖଟ ଉପରେ ମୋଚ଼ାକୋଚ଼ା ହୋଇଥିବା କାଗଜ ଉପରକୁ ତାଙ୍କର ଦୃଷ୍ଟି ଗଲା । ରାଗରେ ତାକୁ ଗୋଟେଇ ଆଣି ଝରକା ବାହାରକୁ ଫୋପାଡି ଦେବା ପୂର୍ବରୁ କେଜାଣି କାହିଁକି ମନ ହେଲା ଥରେ କାଗଜଟିକୁ ଖୋଲିକି ଦେଖିବା ପାଇଁ ! କାଗଜଟିକୁ ସିଧା କରି ପଢ଼ିବାକୁ ଚେଷ୍ଟା କରୁଥିଲେ ସେ କିଛି ବଙ୍କାଟଙ୍କା ଆକାର, ଯାହା ସିପୁ କିଛି ରଙ୍ଗବିରଙ୍ଗୀ କ୍ରେୟନରେ ଲେଖିଥିଲା । ନୂଆ ନୂଆ ଇଂରାଜୀ ଆକାର ଶିଖୁଥିବା ସିପୁ ଛୋଟ, ବଡ଼, ବଙ୍କା, ତେଢ଼ା ଆକାରରେ ଲେଖିଥିଲା, 'My Papa, My Hero ' ! ଗୋଟିଏ ବଡ଼ ସ୍ମାଇଲି ( ହସୁଥିବା ଇମୋଜୀ ) ଅଙ୍କା ହୋଇ କାଗଜର ତଳେ ଲେଖା ଥିଲା....... From, Sipu...

ଦୁର୍ବାଦଳ ବାବୁ ଥମ୍ ହୋଇ ବସି ପଡିଲେ । ତାଙ୍କ ମସ୍ତିଷ୍କ ଭିତରେ ଚ଼ାଲୁଥିବା କ୍ରୋଧର ଘୁର୍ଣ୍ଣିଝଡ଼ ହଠାତ୍ ଶାନ୍ତ ପଡିଗଲା । ଟିକି ପିଲାଟିର ହୃଦୟରୁ ବାହାରିଥିବା ସ୍ନେହପୂର୍ଣ୍ଣ ଶବ୍ଦରେ ଭରା ସେଇ ଚ଼ିଠିର ଏ କି ଉତ୍ତର ଦେଲେ ସେ ? ସିପୁର ପ୍ରଥମ ଚ଼ିଠି ! ବାବାଙ୍କୁ ଦେଖେଇବ ବୋଲି ହାତରେ ଧରିଥିଲା । ତାଙ୍କ ରାଗ ଦେଖି ଭୟରେ ପାପୁଲି ଭିତରେ ମୋଡି ମକଚ଼ି ହୋଇ ରହିଗଲା । ତାକୁ ତାର ପ୍ରଥମ ଚ଼ିଠି ପାଇଁ ଉତ୍ସାହିତ ନ କରି ଏ କଣ କଲେ ସେ ! ଓଃ... ବିଚ଼ରା ପିଲାର ଗାଲରେ ଦାଗ ବି ପଡିଗଲା । ସେ ଠିକ ଅଛି ତ ।

'ରାଗ ପରମ ଚ଼ଣ୍ଡାଳ ',ବୋଲି ଲୋକ ଠିକ କହନ୍ତି । କାନ୍ଥ କଣ ପୁଣିଥରେ ରଙ୍ଗ କରିହେବ ନାହିଁ, ତାକୁ ପାଖକୁ ଡାକି ବୁଝେଇ ଦେଇଥିଲେ ବି ତ ଚ଼ଳିଥାନ୍ତା । ହେଲେ ସେ.... ନିଜ ପ୍ରକୃତି ଅନୁଯାୟୀ ଟିକି ପିଲାଟାକୁ ବି ଛାଡିଲେ ନି, ତାକୁ ଏତେ ଜୋରରେ ମାଡ଼ ମାରିଲେ ? କାଗଜଟିକୁ ହାତରେ ଧରି ଗଭୀର ଭାବରେ ମର୍ମାହତ ହେଇ ସେ ବାରଣ୍ଡାକୁ ଗଲେ । ସ୍ତ୍ରୀ ବରଫ ପୁଟୁଳି କରି ସିପୁ ଗାଲରେ ସେକ ଦେଉଥାନ୍ତି । ବାବାଙ୍କୁ ଦେଖି ସିପୁ ମାଆ ଛାତିରେ ଆହୁରି ଜାକି ହୋଇଗଲା । ଆଖି ଦୁଇଟି ତାର ପୁଣି ଥରେ ଜକେଇ ଆସୁଥାଏ । ମାଆ ବି ଦୁଃଖରେ ଭାଙ୍ଗି ପଡ଼ିଥାନ୍ତି, ହେଲେ ଦୁର୍ବାଦଳ ବାବୁଙ୍କ ଆଗରେ ପାଟି ଖୋଲିବାର ସତସାହସ ତାଙ୍କର ନାହିଁ । କେବଳ ନିରବତା ହିଁ କଥା କହିଥିଲା, ଯାହା ଦୁର୍ବାଦଳ ବାବୁ ବେଶ ବୁଝି ପାରୁଥିଲେ ।

ଆଣ୍ଠୁମାଡି ପୁଅ ପାଖରେ ବସିଲେ ସେ, ଦୁଇ ହାତରେ ନିଜର ଦୁଇ କାନକୁ ଧରି କ୍ଷମାମୁଦ୍ରାରେ ସିପୁ ଆଡକୁ ଅନେଇ କହିଲେ, ' Sorry, ବେଟା ମୋର ଭୁଲ ହୋଇଯାଇଛି, ମୁଁ ଆଉ କେବେ ତୋ ଉପରେ ହାତ ଉଠେଇବିନି ।

ମାଆଙ୍କ କୋଳରୁ ଡେଇଁ ପଡି ବାବାଙ୍କ ଗଳାରେ ଝୁଲି ପଡିଲା ସିପୁ। ଦୁର୍ବାଦଳ ବାବୁ ଭାବୁଥିଲେ ଛୋଟ ପିଲାମାନେ କେତେ ନିରୀହ, ଏତେ କଷ୍ଟ ହେଲା ପରେ ବି କିଛି କ୍ଷଣ ଲାଗିଲା ନି ତାଙ୍କୁ କ୍ଷମା ଦେଇ ଆପଣେଇ ନେବାକୁ । ମାତ୍ର ସେ, ଟିକେ ଟିକେ କଥାରେ ରାଗି ସମସ୍ତଙ୍କୁ ଖରାପ ବ୍ୟବହାର ଦେଖେଇବା, ହାତ ଉଠେଇବା ଅତି ସାଧାରଣ କଥା , ତାଙ୍କ ପାଇଁ ।

ସିପୁକୁ କାନ୍ଧରେ ପକେଇ କିଛି ସମୟ ବୁଲେଇବା ଭିତରେ, ସେ ସେଇଠି ହିଁ ଶୋଇପଡିଥାଏ । ସ୍ତ୍ରୀଙ୍କ ମୁଖମଣ୍ଡଳରେ ସନ୍ତୋଷଜନକ ହସ ଧାରେ ଦେଖି ଦୁର୍ବାଦଳ ବାବୁ ପାଖକୁ ଯାଇ କହିଲେ, ' ଆଜି ଠାରୁ ଆଉ କାହା ଉପରେ ରାଗିବିନି ବୋଲି ଶପଥ ନେଲି, ଏଥର ତୁମେ ଖୁସି ତ ? ' ସିପୁ ଗାଲକୁ ଆଉଁସି ଦେଲା ବେଳକୁ ମାଆ ଦେଖିଲେ, ଶୋଇଥିଲେ ବି ତାର ହସ ହସ ମୁହଁ ବାବାଙ୍କୁ ଧନ୍ୟବାଦ ଜଣାଉଥାଏ ।

ମୋ: ୬୩୭୦୫୧୬୪୭୮

ଭୁବନେଶ୍ୱର

## ଭଲପିଲା ହେଲା



ବିଜୟ କୁମାର ଛାଟୋଇ

ସବୁଦିନ ପରି ଜେଜେମା' ଟୁକୁନିକୁ ଦୁଷ୍ଟ ପିଲାଙ୍କ ଗପ ଶୁଣାନ୍ତି । ସେଇ ଗପ ନ ଶୁଣିଲେ ଆଖିକୁ ତାର ନିଦ ଆସେନି । ଟୁକୁନି ସେଦିନ ସଅଳ ଭାତ ଖାଇ ଜେଜେମା'ଙ୍କ ପାଖରେ ହାଜର । ଯେଯେମା' ! ଆଜି କଣ ଗପ କହିବନି କି ? ଜେଜେମା ' ଗପ କହିବାକୁ ପ୍ରସ୍ତୁତ ହୋଇ ଆରମ୍ଭ କଲେ । କହିଲେ.... ଜ୍ୟେଷ୍ଠ ମାସ ଉଦୁଉଦିଆ ଖରାବେଳ ଲୋକମାନେ ବାହାରକୁ ବାହାରିପାରୁ ନ ଥାନ୍ତି । ଗରମ ଗରମ ଝାଞ୍ଜି ପବନ ବି ବହୁଥାଏ । ସକାଳୁଆ ସ୍କୁଲ୍ ହେବାପାଇଁ ସରକାର ଘୋଷଣା କରିଥାନ୍ତି । ଲୋକେ ବାହାରକୁ ଗଲେ ଓଦା ଗାମୁଛା ମୁଣ୍ଡରେ ପକାଇ ହାତରେ ଛତା ଓ ପାଣି ବୋତଲକୁ ସାଥିରେ ନିଅନ୍ତି । ପାଦରେ ଚ଼ପଲ ପିନ୍ଧିବାକୁ କେହି ଭୁଲନ୍ତି ନାହିଁ । ନିଇତି ସକାଳୁ ପିଲାମାନେ ସ୍କୁଲକୁ ବାହାରି ଯାଆନ୍ତି । ଝିଲମ ଓ ଟୁଗୁଲା ମଧ୍ୟ ସ୍କୁଲ୍‌କୁ ସକାଳୁ ଯାଇ ଫେରି ଆସିଥାଆନ୍ତି । ଖରାର ତାପ ବଢ଼ିବଢ଼ି ଆସୁଥିବାରୁ ଝିଲମର ବୋଉ ଝିଲମକୁ କହିଲେ – ପୁଅରେ ! ବହିବସ୍ତାନିତକ ଥୋଇ ହାତଗୋଡ଼କୁ ଧୋଇ ଆସ । ମୁଁ ଭାତ ବାଢୁଛି । ଝିଲମକୁ ଭାରି ଭୋକ ଲାଗୁଥିବାରୁ ବୋଉଙ୍କ କଥାକୁ ଟାଳି ନ ପାରିଖାଇଲା । ବାପା ମଧ୍ୟ ଡାକି କହିଲେ ଖାଇଦେଇ ମୋ ପାଖରେ ଶୋଇପଡ଼ । ଏ ସମୟରେ ବାହାରେ ବୁଲିଲେ ଅଂଶୁଘାତ ହେବାର ବହୁତ ସମ୍ଭାବନା ଅଛି । କିନ୍ତୁ ଝିଲମ କାହାରି କଥା ନ ଶୁଣି ଟୁଗୁଲା ଘରକୁ ଧାଇଁଲା । ଭୟ ଭ୍ରାନ୍ତି ବୋଲି ତାର କିଛି ନ ଥାଏ । ଗୋଟିଏ ପୁଅ ବୋଲି ସମସ୍ତଙ୍କର ନୟନ ତାରା ସେ । ସେଥିପାଇଁ ସ୍ନେହରେ କେହି କିଛି ତାକୁ ରାଗରେ କହି ପାରନ୍ତି ନାହିଁ । ଭଲରେ ବୁଝାଇଲେ ବି ବୁଝିବା ପିଲା ସେ ନୁହଁ । ଏବେ ଠାରୁ ଏତେ ଦୁଷ୍ଟ ହେଲେ ବଡ଼ବେଳକୁ ତାର ପରିଣତି ଭଲ ହେବନି ବୋଲି ଗାଁ ଲୋକେ କୁହାବୋଲା ହୁଅନ୍ତି । କିଏ ସିନା ଭଲ କାମକରି ନାଁ ଅର୍ଜନ କରେ କିନ୍ତୁ ଝିଲମ ଦୁଷ୍ଟ ଓ ବଦମାସ୍ କାମ କରି ନାଁ ପକାଇ ଦିଏ । ଝିଲମର ଆଗଦୁଆରି ଟୁଗୁଲାର ଘର । ଝିଲମ ଟୁଗୁଲାକୁ ଡାକିଡାକି ତାଙ୍କ ଘର ଭିତରକୁ ପଶିଗଲା । ସେତେବେଳେକୁ ଟୁଗୁଲା ଖାଦ୍ୟ ଖାଇସାରି ବାସନ ଧୋଉଥାଏ । ଟୁଗୁଲାର ବାସନମାଜିବା ଦେଖି ଝିଲମ ମନଦୁଃଖରେ କହିଲା – ଟୁଗୁଲା ! ତୁ କାହିଁକି ବାସନ ମାଜୁଛୁ ମାଉସୀ (ଟୁଗୁଲାର ବୋଉ) କଣ ଘରେ ନାହାନ୍ତି ? ଟୁଗୁଲା କହିଲା – ନାଇଁ ରେ ! ମୋ ବୋଉ ଘରେ ଅଛି । ଏଇ ଖରାକୁ ତାର ମୁଣ୍ଡ ଘୁରାଇଲା ତେଣୁ ଟିକିଏ ବିଶ୍ରାମ କରୁଛି । ଘରକାମରେ ବୋଉକୁ ଟିକିଏ ସାହାଯ୍ୟ ନ କଲେ ମୋତେ ଭଲଲାଗି ନ ଥାଏ । ସେଥିପାଇଁ ମୁଁ ବୋଉକୁ ବିଶ୍ରାମ ନେବାପାଇଁ କହି ଏମିତି ବେଳେବେଳେ ସାହାଯ୍ୟ କରିଦିଏ । ଏତିକିବେଳେ ଘରଭିତରୁ ଟୁଗୁଲା ବୋଉଙ୍କ ପାଟି ଶୁଭିଲା । ସେ ଧିର ସ୍ୱରରେ ଟୁଗୁଲାକୁ ଡାକି କହିଲେ – ଟୁଗୁଲୁରେ ମୋତେ ପାଣି ଆଣି ଦେଲୁ ପିଇବି । ଟୁଗୁଲା ସାଥିସାଥି ପିଇବା ପାଣି ନେଇ ଦେଲା । ପାଣି ପିଇଦେଇ ଟିକିଏ ଆଶ୍ୱସ୍ତ ହେବାରୁ ସେ ଶୋଇକରି ଆଖି ଖୋଲିଲା ବେଳକୁ ଝିଲମକୁ ଦେଖିଲେ । ଏତେବଡ଼ ଖରାରେ ଘରେ ନ ରହି ବାହାରେ ବୁଲିଲେ ବଡ଼ ଅସୁବିଧା ହେବ । କାଉଠୁ କୋଇଲି ଯାଏ ସମସ୍ତେ ଗଛ ଛାଇରେ ବସନ୍ତି । କେହି ବି ନିଜ ବସାରୁ କୁଆଡ଼ିକୁ ଯାଆନ୍ତିନି । ଘରେ ତୁ କଣ ବାପାବୋଉଙ୍କ କଥା ମାନୁନାହୁଁ କି ! ବଡମାନଙ୍କ କଥା ନ ମାନିଲେ ବିପଦ କେତେବେଳେ ଘନେଇ ଆସିବ ସେକଥା କହିହେବ ନାହିଁ । ଏକଥା ଟୁଗୁଲାକୁ ଭାରି ବାଧିଲା । ଟୁଗୁଲା ବୋଉକୁ କହିଲା – ବୋଉ ! ତୁ ଝିଲମକୁ ଏପରି କାଇଁ କହୁଛୁ ତାର ମନଦୁଃଖ ହେବ । ସେ ଆଉ ମୋପାଖକୁ ଆସିବନି । ଟୁଗୁଲାର କଥାଶୁଣି ତା' ବୋଉ କହିଲେ ପୁଅରେ ! ତୁ କାହିଁକି ବାପାମାଆଙ୍କ କଥା ମାନୁଛୁ ଝିଲମ ସାଥିରେ ଯାଇ ବାହାରେ ବୁଲୁନୁ ! ଏତିକି କଥା ଶୁଣି ଝିଲମ କାନ୍ଦିବାକୁ ଲାଗିଲା । ଝିଲମର କାନ୍ଦ ଦେଖି ଟୁଗୁଲା ବି ଜୋରରେ କାନ୍ଦିଲା । ତାରି ଭିତରେ ଝିଲମ ଅନୁତାପ କରୁଥାଏ ମୁଁ ଯଦି ବୋଉବାପାଙ୍କ କଥା ମାନି ଶୋଇଥାନ୍ତି ତେବେ ଆଜି ମୋତେ ଏତେକଥା ଶୁଣିବାକୁ ପଡ଼ି ନ ଥାନ୍ତା । ସେ ମନେମନେ ଟୁଗୁଲା ଉପରେ ଖୁସିହୋଇ କହୁଥାଏ ମୁଁ ନିଶ୍ଚୟ ଟୁଗୁଲା ପରି ବାପାମାଆଙ୍କ ସେବା କରିବି ଆଉ ଦୁଷ୍ଟ ହେବିନି । ସେତେବେଳେକୁଖରା ଶୀତଳ ହୋଇ ଆସିଲାଣି ।

ଝିଲମ କେଉଁ ଆଡେ ଯାଇଛି ବୋଲି ତାର ବୋଉ ବାଡ଼ିତଳ ବରଗଛ , ଗାଁ ମୁଣ୍ଡ ପୋଲାଙ୍ଗ ତୋଟା ସବୁ ଖୋଜି ଆସିଲେଣି । ଟୁଗୁଲା ଘରକୁ ଖୋଜିବା କେବଳ ବାକିଥାଏ । କିନ୍ତୁ କୁଆଡେ ଝିଲମ ନ ଥିବାରୁ କାନ୍ଦି କାନ୍ଦି ଘରକୁ ଫେରୁଥାଆନ୍ତି ଝିଲମର ବୋଉ । ଝିଲମ ବୋଉର କାନ୍ଦ ଶୁଣି ଟୁଗୁଲା, ଟୁଗୁଲାର ବୋଉ ଓ ଝିଲମ ସମସ୍ତେ ଘର ବାହାରକୁ ଆସିଲେ । ଦେଖିଲେ ଝିଲମ ବୋଉ କାନ୍ଦୁଛନ୍ତି । ଟୁଗୁଲା ବୋଉ ଝିଲମ ବୋଉକୁ କହିଲେ ଝିଲମ କେତେବେଳୁ ଆସି ଆମଘରେ ଅଛି । ଘରେ ନ କହି ଆସିଥିବାରୁ ମନଦୁଃଖ କରୁଥିଲା । ସେ ପୁଅକୁ ପାଇ ଝିଲମ ବୋଉଙ୍କ ମୁଣ୍ଡରେ ଚେତା ପଶିଲା । ନିଜ ପିଲାଙ୍କ ପାଇଁ ବାପାବୋଉ କେତେ ଯେ ବିକଳ ହୁଅନ୍ତି ସେକଥାକୁ ଝିଲମ ସେଦିନ ବୁଝିସାରିଥାଏ ।

ତା'ପର ଦିନ ସକାଳୁ ଝିଲମ ଉଠି ନିଜର ପାଠକାମ ସାରି ବୋଉଙ୍କ ଠାରୁ ଅନୁମତି ଆଣି ସ୍କୁଲ୍ କୁ ବାହାରିଲା । ଟୁଗୁଲା ମଧ୍ୟ ତା ବୋଉକୁ କହି ଝିଲମ ସାଥିରେ ଗଲା । ସେ ଆଉ ପୂର୍ବପରି ଦୁଷ୍ଟାମି ନ କରି ଭଲପିଲା ହୋଇଗଲା । କଣ ଶୁଣିଲୁ ତ ଗପ ! ସେତେବେଳେ କୁ ଟୁକୁନି ଆଖିକୁ ନିଦ ଆସିଯାଇଥିଲେ ବି ଗପଟିକୁ ସବୁ ଶୁଣି ଓ ବୁଝି ତାର ସାରକଥାକୁ ଯେଯେମା'ଙ୍କ ଆଗରେ କହିଲା – 'ଆମେ ଯଦି ବାପାବୋଉଙ୍କ କଥାକୁ ମାନିବା ନିଶ୍ଚୟ ଭଲମଣିଷ ହେବା ।'

ସମ୍ପାଦକ, ପ୍ରଚ଼ାରକ ଅନନ୍ତ ମିଶ୍ର ସ୍ମୃତି ପରିଷଦ ଓଡ଼ିଶା, ସତ୍ୟବାଦୀ

ମୋ – ୮୫୯୯୮୩୮୫୯୭

## ତୋ ବିନା

*ଶିବାନୀ ମହାରଣା*



ତୋ ପ୍ରେମ ମୋ ପାଇଁ ଅଦିନର ଝଡ
ସ୍ୱପ୍ନ ଭରା ଆଖି ତଳେ
ନିଦ ଭାଙ୍ଗି ଯେବେ ଆଖି ମୁଁ ଖୋଲେ
ସ୍ୱାର୍ଥପର ଜଗତକୁ ଦେଖେ
ମରୀଚ଼ିକା ପଛରେ ଧାଇଁବା ଶିଖାଇ
କୁହୁଡିରେ ଗଲୁ ମିଶି
ଏମିତି ଏକ ଜଗତକୁ ଯାଇ
କି ଅବା ପାଇଲୁ ତୁ ଖୁସି
ହଜି ତୁ ଗଲୁ ହଜେଇ ତୁ ଦେଲୁ
ଏହି ନିସ୍ୱାର୍ଥହୀନ ସଂସାରରେ
କେମିତି ବଞ୍ଚିବି ଏହି ଦୁନିଆରେ
ପ୍ରତି ମୁହୂର୍ତ୍ତରେ ତତେ ଖୋଜେ
ତୁ ଥିଲେ ଆଜି କଣ କରନ୍ତୁ
ଜାଣି ନାହିଁ ମୁଁ ସତେ
ବୋଝ ସାଜି ଆଜି ସମସ୍ତ କାନ୍ଧରେ
ବସି ମୋ ଓଜନ ବଢାଏ
ତୋ ବିନା ମୋ ପେଟ କିଏ ଚ଼ିହ୍ନିବ
ପେଟ ମୋ ପଡିଛି ଖାଲି
ଖାଇବାକୁ ପାଇ ଖାଇବାକୁ ଡରେ
ନିଜ ଲୋକ ଆଜି ହିସାବି
କଥାରେ ଅଛି ମାଆ ଅଛି ଯାହାର
ଡର ନାହିଁ ତାହାର
କିନ୍ତୁ ତୋ ବିନା ଏଠି ଦୁନିଆରେ
ସତରେ କେହି ନାହିଁ ମୋର ।

*ପାଣ୍ଡିଆ, ଗଞ୍ଜାମ*

## ତୁମେ

*ରତ୍ନକାନ୍ତି ମିଶ୍ର*



ସବୁ ପ୍ରଶ୍ନର ତ' ଗୋଟିଏ ନିର୍ଯ୍ୟାସ
ତୁମେ ଯେଣୁ ପ୍ରଶ୍ନାତୀତ
ସବୁ ଅପ୍ରାପ୍ତିରେ ତୁମେ ଯେବେ ପ୍ରାପ୍ତ
ଜୀବନ ମୋ ମୁଖରିତ ॥
କେଉଁ ନାମ ଧରି ଡାକିବ ତୁମକୁ
ତୁମେ ଯେ ସର୍ବନାମ
ସବୁ ପ୍ରବୃତ୍ତି ରେ ତୁମେ ହିଁ ପ୍ରବୃତ୍ତ
ସତେ ସ୍ନିଗ୍ଧ ଚ଼ଉସମ ॥
କୋଟି ବ୍ରହ୍ମାଣ୍ଡର ସୃଷ୍ଟିର ବୃତ୍ତାନ୍ତ
ଆଉ କେ ପାରିବ ଲେଖି
ସବୁତକ ଶବ୍ଦ ନିଃଶବ୍ଦ ପ୍ରତୀତ
ଶତ ଉପସର୍ଗ ମାଖି ॥
ନିରାଶାରେ ତୁମେ ଆଶାର ଆଲୋକ
ଅନିର୍ବାଣ ଦୀପଶିଖା
ବିଭୋର ପଣରେ ହୃଦ କାନଭାସେ
ତୁମ ରୂପରେଖ ଅଙ୍କା ॥
ଜୀବନ ବୀଣାର ମଧୁର ମୂରଛନା
ସ୍ପନ୍ଦନେ ତୋଳଇ ଗୀତି
ସବୁ ରାଗ ପରା ଉଦ୍ଦିଷ୍ଟ ତୁମକୁ
ସବୁ ସ୍ୱରେ ତୁମ ସ୍ଥିତି ॥
ଶୀତ ସକାଳର ଫୁଲ ପାଖୁଡାରେ
ତୁମେ ହିଁ ଶିଶିର ବିନ୍ଦୁ
ସକାଳରେ ତୁମେ ସ୍ୱର୍ଣ୍ଣାଭ କିରଣ
ରାତ୍ରିରେ ପୂର୍ଣ୍ଣିମା ଇନ୍ଦୁ ॥
ତୁମରି ସତ୍ତା ଯେ ସର୍ବ ବିଦ୍ୟମାନ
ହୃଦେ ସଂସ୍ଥାପିତ ତୁମେ
ତୁମ ବିନୁ ଆନ କେହି ନାହିଁ ମୋର
ମିଛେ ମୁଁ ସଂସାରେ ଭ୍ରମେ ॥

*ଆଳି, କେନ୍ଦ୍ରାପଡା*

## ଏମିତି ବି ସମୟ ଆସେ

*ନିରଞ୍ଜନ ସାହୁ*



ଚ଼ିହ୍ନା ମୁହଁ ସବୁ ଅଚ଼ିହ୍ନା ଲାଗଇ
ଭାଗ୍ୟ ଯେବେ ଖେଳେ ଖେଳ
ଆପଣାର ଲୋକ ପର ହୋଇଯାନ୍ତି
ଆସିଲେ ଖରାପ ବେଳ ।
କାଲି ଲାଗୁଥିବା ନିଜର ମଣିଷ
ବୁଲାଇ ଦିଅନ୍ତି ମୁହଁ
ସମୟ ଆସିଲେ ଆତ୍ମୀୟ ସ୍ୱଜନ
କହେ ମୁଁ ତୋହରି ନୁହଁ
ଅତି ସହଜରେ ସ୍ୱାର୍ଥପର ଲୋକ
ଭୁଲିଯାଏ ବନ୍ଧୁମେଳ ।
ମଣିଷମାନଙ୍କୁ ଚ଼ିହ୍ନିବା ବେଳକୁ
ବେଳ ଯାଇଥାଏ ଗଡି
ଅନୁତାପ ଲୁହ ଢାଳିବ କେବଳ
ବିଛଣା ଉପରେ ପଡି
ପଛକଥା ଭୁଲି ନିଜକୁ ସଜାଡି
କାଟିବାକୁ ହେବ କାଳ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ-୭୫୯୦୧୬*
*ମୋ :୯୯୩୮୭୪୧୫୮୩*

## ସଂସ୍କାର

*ଜଗଦୀଶ ପଣ୍ଡା*



ସଂସ୍କାର କିପରି କାହାକୁ କୁହନ୍ତି
ପରିବାର ଠାରୁ ଶିଖ,
ସେଥିରୁ ଯଦି ପାଇବନି କିଛି
ଇତିହାସ ପୃଷ୍ଠା ଦେଖ ।

ସଂସ୍କାରି ଘରର ପିଲଟି କହିଲେ
ନିଜକୁ ତ ଭଲଲାଗେ,
ଏହି କଥାଟିକୁ ଭାବି ଦିଅ ସର୍ବ ?
ପିତା ମାତା ପରା ଆଗେ ।

ଚ଼ରିତ୍ରକୁ ତୁମେ ସଂସ୍କାର ତ କର
ପିତା ମାତା ସେବା କର,
ଭକ୍ତି କର ତୁମ ଗୁରୁଜନଙ୍କର
କରିବନି କେବେ ପର ।

ଶିଷ୍ଟାଚ଼ାରକୁ କେବେହେଲେ ତୁମେ
ପାସୋରି ତ ଯିବ ନାହିଁ,
ଜୀବନକୁ ଆଜି ପାଇଅଛେ ଆମେ
ଜଗତ ମଙ୍ଗଳ ପାଇଁ ।

ଅତିଥି ଆସିଲେ ଘରକୁ ଆମର
କରିବା ପ୍ରଣାମ ଆମେ,
ପାଦ ଛୁଇଁ ଆମେ ପୂଜିଲେ ସଭିଏଁ
ଆଶିଷ ଦେବେ ସେମାନେ ।

ଶିକ୍ଷାଏ ଆମକୁ ଆମ ପରମ୍ପରା
ବଡ଼ଙ୍କୁ ଦେବାରେ ମାନ,
ସାନକୁ ଯଦି କରିବା ସେନେହ
ସେମାନେ ଦେବେ ସମ୍ମାନ ।

ନିଜର ଆଚ଼ାର ବିଚ଼ାରକୁ ଆମେ
କରିବା ସଭିଏଁ ଭଲ,
ବ୍ୟବହାର ଯଦି ହବ ଭଲ ଆମ
ସବୁଠି ହେବ ମଙ୍ଗଳ ।

ଏହି କଥା ଯେବେ ମଣିଷ ମାନିବ
ସମସ୍ତଙ୍କ ହିତ ହେବ,
ସୁକର୍ମ ପଥରେ ଆଗେଇ ଚ଼ାଲିଲେ
ସବୁଠି ମାନ ବଢିବ ।

*ଅଳାଡିଗାଁ, ଗଂଜାମ*

## ପଥର

*ଆଦ୍ୟାଶା ମହାପାତ୍ର*



ପଥର ସବୁଦିନ ପଥର
ଖଣ୍ଡ ଖଣ୍ଡ ଭାଙ୍ଗିଯିବ ପଛେ
ହେବନି କେବେ ନରମ

ସେ ତୁଠ ପଥର ହେଉ
ଅବା, ଅହଲ୍ୟା ସ୍ୱରୂପ
ସବୁଦିନ ଲାଂଚ଼ିଛିତ
ସବୁଦିନ ଅବହେଳିତ

ପଥର ବଡ଼ ଅଭିଶପ୍ତ
ଶିଳ୍ପୀର ଶତଚେଷ୍ଟା ସତ୍ତ୍ୱେ
ଯେତେ ଜୀବନ୍ତ ଦିଶିଲେ ବି
ପଥର ସେ ସବୁଦିନ
ତା ଦେହକୁ
ଫେରି ପାରେନା ଜୀବନ

ପଥର କେବେ ମୂର୍ତ୍ତି ତ'
କେବେ ହୁଏ ପ୍ରତିମୂର୍ତ୍ତି
କିନ୍ତୁ ସଦେବ
ସ୍ଥିର,ସ୍ଥବିର, ନିସ୍ତରଙ୍ଗ
ନଥାଏ ଆବେଗ ଉଚ୍ଛ୍ୱାସ
ନଥାଏ ପ୍ରେମ,ବିରହ
ଆଗ୍ରହ ଅବା ଅଭିମାନ

ପଥର ବଡ ନିର୍ଯାତିତ
ଖୁବ୍ ଏକୁଟିଆ ତା'ର ଜୀବନ
କେହି ବି କେବେ
ବୁଝିବାକୁ ଚ଼ାହେଁନା
ତା'ର ମନ....!!!

*ନୂଆପଡା, କଟକ*

## ଅଭିମାନ

*ସୁଦର୍ଶନ ମହାପାତ୍ର*



ଦୂରରେ ଅଛ ଭଲ ଅଛ
ଏଠାକୁ ଆସନା ।
ଅନେକ ଦୁଃଖ ଏଠାରେ
ଗୁଞ୍ଜରିତ ଶୋକର ମୂର୍ଚ୍ଛନା
ଜାଣି ନଜାଣିଲା ପରି
ରହିଯାଅ ସେଠି
ଖଞ୍ଜିଦେଇ ମୋ ପାଇଁକି
ଯଥାର୍ଥ ବାହାନା ।
ଦୂର ଶୈଳ ଭଲ ଦିଶେ
ନିକଟରେ ରୁକ୍ଷ
ବର୍ଷା ନାହିଁ,ରୌଦ୍ର ଦଗ୍ଧ
ହାହାକାରମୟ ,
ଥାଇ ବି ନଥିଲା ପରି
ଏଇ ମୋ ଅସ୍ତିତ୍ୱ
ଘୁଣଖିଆ ହୃଦୟ ମୋ
ତୁମ ପାଇଁ ବିଧୁର ବିସ୍ମୟ ।
ସେଠି ଅଛି ତୁମ ପାଇଁ
ମରୁଦ୍ୟାନ ଟିଏ
ସ୍ନେହ ଆଉ ସୋହାଗର
ଅନାବିଳ ସ୍ୱର୍ଶ,
ମୋ ଜୀବନ ଚ଼ଲାପଥ
କ୍ଲିଷ୍ଟ କଣ୍ଟକିତ
ନୀରବରେ ସହିବ ତ'
ତେବେ ତୁମେ ଆସ...!!!

*କୁଞ୍ଜବିହାରୀ ଲେନ, କଟକ*

## ଗୁପ୍ତ ବନବାସ

*ସୁରେନ୍ଦ୍ର ନାଥ ସାହୁ*



ମୁଁ ଅକାଳ ଜରାଜୀର୍ଣ୍ଣ
ବାରମ୍ବାର
ମାନସିକ ବିଷାଦର ବିଷାଣୁ
ମୋତେ କରେ ଶୀର୍ଣ୍ଣ ।
ପତିତ ମୋ ମନ
ହୃଦୟ ସାରା କ୍ଷତ
ପଡି ଉଠି ଉଠି ପଡି
ତନ ହେଲାଣି ଖିନ୍ନ ।
ପର ବୋଲି
ଭାବେ ଯାହାକୁ
ସିଏ ଲାଗେ ବେଳେ ବେଳେ
ଅତିବ ନିଜର ।
ନିଜର ଯିଏ ସିଏ
ଶତ୍ରୁତା ଆଚ଼ରେ
ଆଘାତ କରେ ଘୋର ।
ନିଜ ବଳ ବୁଦ୍ଧି ଆଜି
ଧର୍ମ ଶଙ୍କଟର କବଳ
ରଣ କୌଶଳ ଅତି ଅଚ଼ଳ ।
ଆଶା ଭରସା ବିଶ୍ୱାସର
ରକ୍ତ ସମ୍ପର୍କ
ହୁଙ୍କାରି ଡାକରା ଦିଏ
ଲଢିବା ପାଇଁ ହୋଇ ଠୁଳ ।
କାହାକୁ ମାରିବି
ମାରି ବା ମରି କଣ ପାଇବି
ଥରକୁ ଥର
ହିସାବ କରି ଦେଖିଲେ ବି
କିଛି ମିଳେ ନାହିଁ ଫଳ ।
ଶାସ୍ତ୍ର ଶସ୍ତ୍ର ଶିକ୍ଷା ନୀତି
ଯାହା ବି ଶିଖିଛି
ତାକୁ ଗ୍ରାସ କରିନେଉଛି କାଳ ।
ପ୍ରେମ ପ୍ରତାରଣା ସବୁ
ମୋ ପାଇଁ ଏବେ
ଅଜଣା ଠିକଣା ।
କିଏ ବନ୍ଧୁ
କିଏ ବନ୍ଧୁ ନାମରେ ବାହାନା
କିଛି ହେଲେ ତିଳେ
ପଡୁ ନାହିଁ ଜଣା ।
ତଥାପି ଯୁଦ୍ଧ କ୍ଷେତ୍ରରେ
ଏଯାବତ ଠିଆ
ଅସହାୟ ବୀର ପରି
ପାରୁ ନାହିଁ ଯୁଦ୍ଧ କରି ।
ବିଜୟ ଆଉ ପରାଜୟ
ମରିବା ମାରିବା ବି
ଲାଗୁଛି ମୋତେ
ଏବେ ଏକ ସରି ।
ଓହ୍ଲାଇ ରଖୁଛି ତୂଣୀର
ଫୋପାଡ଼ି ଦେଉଛି ଭାଲ
ଧନୁ ତୀର ମୋ ପାଇଁ ବେକାର ।
ଯଦି ମୋ ପୌରୁଷତା
ସମୟର ଉପଯୋଗୀ ନୁହେଁ
ଆଉ ମୋ ଦକ୍ଷତାକୁ
ମାଧ୍ୟମ ବନାଉ ନାହାଁନ୍ତି
ସ୍ୱୟଂ କେଉଁ ଚ଼କ୍ରଧର ।
ସାଢେ ପାଞ୍ଚ ଫୁଟର ମଣିଷ
କରି ଏତେ ହତା ହତ
ଛଡାଇ ନେଇ କାହାର ନିଶ୍ୱାସ ।
କଣ କରିବି ରାଜ ତିଳକ
କଣ ହେବ ରାଜ ସିଂହାସନ
ରାଜ ଉଆସ ।
ମୋ ପାଇଁ
ସବୁଠାରୁ ଭଲ
ଆତ୍ମୀୟଙ୍କ ସାଥେ
ଏକଦମ୍ ଗୁପ୍ତ ବନବାସ ।

କଳମ୍ବ (ଡିହସାହି)
ପୋଲସରା,ଗଞ୍ଜାମ
ମୋ:-୮୧୨୮୯୧୯୨୫୬

## ଛୋଟ ଖୁସି

*ପ୍ରଣୀତା ମିଶ୍ର*



ଛୋଟ ଛୋଟ ଖୁସି ମିଳୁଥାଏ ଯଦି
ଛୋଟ ଛୋଟ ଘଟଣାରେ
କାହିଁକି ବୃଥାରେ ସାରିବି ସମୟ
ବଡ଼ ଖୁସି ଅପେକ୍ଷାରେ ॥
କୋଇଲିର ଗାନ ମଧୁର ସଙ୍ଗୀତ
ମନ ଭରେ ଉଲ୍ଲାସରେ
ପ୍ରଜାପତିଟିକୁ ଟିକେ ଛୁଇଁଦେଲେ
ନାଚେ ହୃଦ ଆନନ୍ଦରେ ॥
ଆକାଶରେ ଦେଖି ପୂର୍ଣ୍ଣମୀର ଜହ୍ନ
ଓଠରେ ଉକୁଟେ ହସ
ଝିଲିମିଲି ତାରା ମାରୁଥାଏ ଆଖି
ମନକୁ କରଇ ବଶ ॥
କଅଁଳ ପିଲାର ଦରୋଟି କଥାଟି
ଦିଏ ମନରେ ଆନନ୍ଦ
ଭୋକିଲା ମୁଖରେ ଦେଲେ ମୁଠେ ଅନ୍ନ
ଛାତି ହୁଏ ଗଦଗଦ ॥
ଦୁଃଖୀର ଦୁଃଖରେ ହୋଇଲେ ସହାୟ
ମିଳଇ ଯେଉଁ ସନ୍ତୋଷ
ସେହି ଖୁସି ଆଉ ନ ମିଳଇ କାହିଁ
ଖୋଜିଲେ ବି ମାସ ମାସ ॥
ଅନ୍ୟର ଖୁସିରେ ହେଲେ ଆନନ୍ଦିତ
ଦୁଃଖରେ ହେଲେ ସହାୟ
ନିଜ ଖୁସି ଆଉ ରହେ ନାହିଁ ଦୂରେ
ପାଖକୁ ଆସିବା ଥୟ ॥
ଏମିତି ବି ସୁଖ ତାଳ ଗଛ ଛାଇ
ସହଜେ ନ ଆସେ ପାଶେ
ଛୋଟ ଖୁସିମାନ କଲେ ଉପଯୋଗ
ବଡ଼ ଖୁସି ହୋଇ ଦିଶେ ॥

*ଭୁବନେଶ୍ୱର*

## ମରୁ-ତୃଷ୍ଣା

*ସୁଧାକର ରାଉତ*



ଚୋରା ଚ଼ାହାଣୀରେ ଚୋରି କରିନେଇ
ମୋ ହୃଦୟ ଚ଼ାବି କାଠି
କେବେ ଅବା ଖୋଲି କେବେ ବନ୍ଦ କରି
ସତେ ଅବା ତୁମ କୋଠି ।
ପ୍ରେମର କଣ୍ଢେଇ ଯତନେ ରଖିଥିଲି
ଛଳନା ରେ ଦେଇ ମୋହ
କୁଢ଼ କୁଢ଼ ଯନ୍ତ୍ରଣାରେ ଦେଲ ପୋତି
କିପରି ବଞ୍ଚିବ କୁହ ?
ହତାଶାର ତତଲା ବାଲିରେ ଚ଼ାଲେ
ଭଙ୍ଗା କଣ୍ଢେଇ କୁ ଧରି
ବର୍ଷଣ ମୁଖର ମେଘ ଟିକୁ ଚ଼ାହିଁ
ପଥ ଯାଏ ମୋର ସରି ।
ସଂଜୀବନୀ ମନ୍ତ୍ର ଦେବା ପାଇଁ ତାକୁ
ତୁମ ହାତେ ଥିଲି ଟେକି
ପ୍ରହେଳିକା ବିଷ ଜ୍ୱାଳା ସହି ସିଏ
ଶେଷ ନିଶ୍ୱାସ ତା ବାକି ।
ସୁଖଦ ଜୀବନ ଆଶା ଲୋଡିସିଏ
କ୍ଷତାକ୍ତ ଶରୀର ନେଇ
ତୁମ ପ୍ରତୀକ୍ଷାରେ ଜୀବନ ଜିଇଁଛି
କାହିଁକି ଜାଣିଛି ସେଇ ।
ନିର୍ଜିବ କଣ୍ଢେଇ ମନେ କରି ତାକୁ
ଚ଼ିହ୍ନିଲନି ତାର ହୃଦ
ବୁଝିଲନି ତାର ଅନ୍ତରରେ ବସା
ବାନ୍ଧିଛି ଯେ କେତେ ଖେଦ ।
ତାର ଜୀବନର ବାଲି ସିଲଟରେ
ଅଲିଭା ତୁମର ଲେଖା
ତୁମ ଅତୀତଟା ବଖାଣିବ ବୋଧେ
ହେଲେ ପୁଣି କେବେ ଦେଖା ।

*ପ୍ରତାପ ନଗରୀ ,କଟକ*
*ମୋ-୮୨୪୯୯୩୨୭୯୨*

## ବସ୍ତ୍ରହୀନ

*ଡୁଇଟ ଡେଭିଡ ଫିଲିପ*



ପ୍ରଭୁ କରନ୍ତି ମୋତେ ବସ୍ତ୍ରହୀନ,
ବିକୃତ ଖେଳ, ସାଷ୍ଟାଙ୍ଗ ପ୍ରଣାମ,
ପ୍ରଭୁ କରନ୍ତି ବ୍ୟଭିଚ଼ାରିଣୀକୁ କ୍ଷମା,
ଜଗତ ଆଗରେ ସେ କ୍ରୁଶରେ ଟଙ୍ଗା,
ସର୍ବ ସମ୍ମୁଖରେ ଉଲଗ୍ନ ପୌରାଣିକ ଗଳ୍ପ,
ପାଞ୍ଚ ସ୍ୱାମୀ, ନୁହନ୍ତି ବ୍ୟଭିଚ଼ାରୀ,
ପୌରୁଷର ପ୍ରତୀକ,
ମୋର ମୁକୁଳା ନିତମ୍ବ, ସ୍ତନ ଓ କେଶ,
ମୋର କି ଅଧିକାର, ପୌରୁଷତ୍ୱର
ପ୍ରମାଣ, ଆଜିବି ବିନ୍ୟାସ ।
ଆଘ୍ରାଣେ ଅର୍ଦ୍ଧ ଭୋଜନ,
ଦର୍ଶନେ ଅର୍ଦ୍ଧ ସମ୍ଭୋଗ,
ଚ଼ର୍ମ ଘର୍ଷଣେ ଯାଗେ ସ୍ୱର୍ଶ ?ନ୍ଦ୍ରିୟ,
ନାରୀ ଚ଼ର୍ଚ୍ଚା କି ବ୍ୟଭିଚ଼ାର !
ରକ୍ଷକ ଭକ୍ଷକ,
ନ୍ୟାୟର ନିକିତିରେ ଅନ୍ଧୁଣିର ହାତ,
ସର୍ବାଙ୍ଗ ଉଲଙ୍ଗ, କିଏ କରିବ ବସ୍ତ୍ରାନ୍ୱିତ ?
ମୁଁ ମୋ ମାଁ, ମୋ ଭଉଣୀଓ ମୋ ଝିଅ ଉଲଗ୍ନ ।

*ଭବାନୀପାଟଣା, କଳାହାଣ୍ଡି*
*ମୋ:୯୪୩୭୧୦୪୩୦୩*




# ରାଜନୈତିକ ପଶାପାଲିରେ ଅଙ୍ଗନବାଡି କେନ୍ଦ୍ର



ଭୁବନେଶ୍ୱର (ପିଏନ୍): ରାଜଧାନୀ ଉପକଣ୍ଠ ଧଉଳି ଥାନା ଅଧିନସ୍ଥ ଲିଙ୍ଗିପୁର ଗ୍ରାମପଂଚାୟତ ଅନ୍ତର୍ଗତ ଗାଙ୍ଗୋତ୍ରୀ ନଗର ରୋଡ ନଂ-୩ଠାରେ ବିଗତ ବହୁ ଦିନ ହେଲା ଅଙ୍ଗନବାଡ଼ି କେନ୍ଦ୍ର ଭଡାରେ ଚାଲିଛି। ଏଥିରେ ବହୁ କୁନି ଓ କୋମଳମତି ଶିଶୁମାନେ ଅଧ୍ୟୟନ କରୁଛନ୍ତି। କିନ୍ତୁ ଉକ୍ତ ଭଡା ସ୍ଥାନରେ ଚାଲୁଥିବା ଅଙ୍ଗନବାଡି କେନ୍ଦ୍ରର ଭିତିଭୂମି ଠିକ୍ ନଥିବାରୁ ଏକ ନୂତନ ଅଙ୍ଗନବାଡି କେନ୍ଦ୍ର ପାଇଁ ଦାବୀ ହୋଇଥିଲା। ଯାହାଫଳରେ ରାଜ୍ୟ ସରକାର ଅଙ୍ଗନବାଡି କେନ୍ଦ୍ର ପାଇଁ ତହସିଲଦାରଙ୍କ ପତ୍ର ସଂଖ୍ୟା-୯୨୩୪, ତାରିଖ-୩୧.୦୫.୨୦୨୨ ଦ୍ୱାରା ୨୦୦ ଡିସିମିଲି ଜମି ଆବଟଂନ କରିଥିଲେ ଓ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ କିନ୍ତୁ ସେହି ଜମି ଜବରଦଖଲ ଥିବାରୁ ବିଡିଓ ନିଜ ଅକ୍ତିଆରକୁ ନେଇପାରିଲେ ନାହିଁ ଓ ତହସିଲଦାରଙ୍କୁ ଅବଗତ କରାଇଥିଲେ ଉକ୍ତ ଜାଗାକୁ ଜବର ଦଖଲ ମୁକ୍ତ କରିବାକୁ। ତହସିଲଦାର ସେହି ଜାଗାକୁ ପୋଲିସ ସହାୟତାରେ ଜୁନ୍ ମାସ ୨୮ ତାରିଖରେ ଆଂଶିକ ଉଚ୍ଛେଦ କରି ଜବରଦଖଲ ମୁକ୍ତ କରିପାରିନାହାଁନ୍ତି। ଶୁଣିବାକୁ ମିଳୁଛି ନିକଟରେ ଥିବା ଏକ ମଠର କର୍ମକର୍ତାମାନେ ଆରଆଇ ଓ ତହସିଲଦାରଙ୍କୁ ଉଚ୍ଛେଦ ନକରିବା ପାଇଁ ଚାପ ପକାଉଥିବା ବିଶ୍ୱସ୍ତ ସୂତ୍ରରୁ ଶୁଣିବାକୁ ମିଳୁଛି ଯାହାକି ଅନୁସନ୍ଧାନସାପେକ୍ଷ। ତହସିଲଦାର ଓ ସିଡିପିଓଙ୍କ ଅସମ୍ଭବ ନୀରବତା ସମସ୍ତଙ୍କୁ ସନ୍ଦେହଘେରକୁ ଟାଣୁଛି। ସିଡିପିଓ ଏହି ଅଗଷ୍ଟ ୩୧ ତାରିଖ ୨୦୨୨ରେ ଅବସର ନେବାକୁ ଯାଉଥିବାବେଳେ ସେ ଅଙ୍ଗନବାଡି କର୍ମୀଙ୍କୁ ଓ ସ୍ଥାନୀୟ ସୁପରଭାଇଜର ଉପରେ ଅଙ୍ଗନବାଡି କେନ୍ଦ୍ର ଯାଗା ବଂଟନକୁ ନେଇ ମୁହଁ ନଖୋଲିବାକୁ ତାଗିଦ କରିଥିବା ଶୁଣିବାକୁ ମିଳୁଛି। ଯାହାଫଳରେ ସିଡିପିଓଙ୍କର ବିଫଳତା ପରିପ୍ରକାଶ ହୋଇଯିବ। ଜନସାଧାରଣ ଅତିଷ୍ଠ ହେଲେଣି। ଅଙ୍ଗନବାଡି କେନ୍ଦ୍ରକୁ ନେଇ ଏତେ ରାଜନୀତି ପିଲାମାନଙ୍କର ଭବିଷ୍ୟତକୁ ଅନ୍ଧାର ମଧ୍ୟକୁ ଠେଲି ଦେଇଛି। ମାସକୁ ୫ ହଜାର ଟଙ୍କା ଭଡା ଦେଇ କେତେଦିନ ଚାଲିବ ଅଙ୍ଗନବାଡି କେନ୍ଦ୍ର ତା ସମୟ ହିଁ କହିବ। ନିର୍ଦ୍ଦିଷ୍ଟ ମୁଷ୍ଟିମେୟ ଲୋକଙ୍କୁ ହାତ କରି ମଠର କର୍ମକର୍ତା ଆରଆଇ ଏବଂ ତହସିଲଦାରଙ୍କୁ ପ୍ରଭାବିତ କରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି। ଯାହାଫଳରେ ସରକାରୀ ନିୟମ ପାଳନ କରିବାରେ ଅହେତୁକ ବିଳମ୍ବ ହେଉଛି। ଖୋର୍ଦ୍ଧା ଜିଲ୍ଲାପାଳ ଏହି ବିଷୟରେ ଅବଗତ ଥିବା ସତ୍ତ୍ୱେ ତହସିଲଦାର ଓ ସିଡିପିଓ ଏବଂ ରେଭିନ୍ୟୁ ଇନ୍ସପେକ୍ଟର ତାଙ୍କୁ ଭୁଆଁ ଭୁଲେଇ ସମୟ ଗଡାଇବାରେ ବ୍ୟସ୍ତ। ଏଥିରେ ଅବଗତି ନିମନ୍ତେ ରାଜ୍ୟ ବିଧାନସଭାରେ ଗାଙ୍ଗୋତ୍ରୀ ନଗର ନୂତନ ଅଙ୍ଗନବାଡି କେନ୍ଦ୍ର ପାଇଁ ବିଧାୟକ ସାଲୁଗା ପ୍ରଧାନ ଏକ ମୌଖିକ ପ୍ରଶ୍ନ ପଚାରିଥିଲେ। ବିଭାଗୀୟ ମହିଳା ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ୦୨.୦୭.୨୦୨୨ରେ ମୌଖିକ ପ୍ରଶ୍ନ ନଂ-୩ର ଉତର ଦେଇ କହିଥିଲେ ଲିଙ୍ଗିପୁର ଗ୍ରାମପଂଚାୟତ ଅଧୀନସ୍ଥ ଗାଙ୍ଗୋତ୍ରୀ ନଗରଠାରେ ଅଙ୍ଗନବାଡି କେନ୍ଦ୍ର ପାଇଁ ଭୁବନେଶ୍ୱର ତହସିଲଦାର ତାଙ୍କ ପତ୍ର ସଂଖ୍ୟା-୯୨୩୪, ତା.୩୧.୦୫.୨୦୨୨ରେ AO-୨୦୦ ଯାଗା ପ୍ଲଟ ନଂ-୯୧, ଖାତା ନଂ-୭୬୧ରେ ବିଡିଓଙ୍କୁ ଯାଗା ବଂଟନ କରିବା ସତ୍ତ୍ୱେ ଉକ୍ତ ପ୍ଲଟଟି ଜବରଦଖଲ ହୋଇଥିବାରୁ ଗୃହନିର୍ମାଣ ଅଦ୍ୟାବଧି ହୋଇପାରିନାହିଁ। ଏଥିପାଇଁ ଭୁବନେଶ୍ୱର ଡିସିପିଙ୍କୁ ଉପଜିଲ୍ଲାପାଳ ଭୁବନେଶ୍ୱରଙ୍କ ପତ୍ର ସଂଖ୍ୟା- ୪୭୫୮, ତା.୨୨.୦୬.୨୨ରେ ଜବରଦଖଲ ଉଚ୍ଛେଦ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିବା ମନ୍ତ୍ରୀ ତାଙ୍କ ଉତର ବିଧାନସଭାରେ ଦେଇଥିଲେ। ଏଠାରେ ପ୍ରଶ୍ନ ଉଠୁଛି ୨ମାସ ଉପରକୁ ହୋଇଯିବା ସତ୍ତ୍ୱେ କ'ଣ ପାଇଁ ଗାଙ୍ଗୋତ୍ରୀ ନଗର ନୂତନ ଅଙ୍ଗନବାଡି କେନ୍ଦ୍ର ପାଇଁ ଯାଗା ହସ୍ତାନ୍ତର ହୋଇପାରୁନାହିଁ ତାହା ତଦନ୍ତ କରି ରାଜ୍ୟ ସରକାର ସିଡିପିଓ, ତହସିଲଦାର ଓ ରେଭିନ୍ୟୁ ଇନ୍ସପେକ୍ଟରଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହୋଇଛି। ଅଙ୍ଗନବାଡି କେନ୍ଦ୍ରରେ ଛତୁଆ ବଂଟନ ଠାରୁ ଆରମ୍ଭ କରି ଗର୍ଭବତୀ ମହିଳାମାନଙ୍କୁ ଅଣ୍ଡା, ଲଡୁ ଏବଂ ଛୋଟପିଲାମାନଙ୍କ ପାଇଁ ରନ୍ଧା ଖାଦ୍ୟ ଦେବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛି ଅଙ୍ଗନବାଡି କେନ୍ଦ୍ର। ସିଡିପିଓ ନିଜର କର୍ତବ୍ୟରେ ହେଳା କରୁଥିବାରୁ ତାଙ୍କୁ ତୁରନ୍ତ ଚାକିରୀରୁ ନିଲମ୍ବନ କରିବା ପାଇଁ ଦାବୀ ହୋଇଛି।

# ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବିତା ପାଠୋତ୍ସବ

ଭୁବନେଶ୍ୱର (ପିଏନ୍): ଦେଶ ତା'ର ୭୫ବର୍ଷ ପୂର୍ତ୍ତି ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଓଡିଶା ସାହିତ୍ୟ ଏକାଡେମୀ ସମଗ୍ର ଓଡିଶାର ୨୫ଟି ଜିଲ୍ଲାରେ, ପ୍ରତ୍ୟେକ ଜିଲ୍ଲାରେ ୫ଟି ସ୍ଥାନ କରି ମୋଟ ୧୨୫ଟି ସ୍ଥାନରେ କବିତା ପାଠୋତ୍ସବ ସ୍ୱାଧୀନତା ଦିବସରେ ଆୟୋଜନ କରିଥିଲା। ପ୍ରାୟ ୨୫ଶହ କବି ତାଙ୍କର ସ୍ୱରଚିତ ଦେଶାତ୍ମକ କବିତା ପାଠ କରିଥିଲେ। ଏହି କ୍ରମରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ସଭାଗୃହରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କବିତା ପାଠୋତ୍ସବକୁ ବିଶିଷ୍ଟ କବି ଅପର୍ଣ୍ଣା ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ଡଃ. ବାସୁଦେବ ଦାସ ଓ କବି ନିରାକର ଦାସ ଯୋଗଦେଇ ଆମ ସ୍ୱାଧୀନତାରେ ଆମ ସାହିତ୍ୟର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥି କବି ଭାବେ ବୃନ୍ଦାବନ ଦାସ, ଅକ୍ଷୟ ନାୟକ, ଡଃ. ଶ୍ରୀଧର ସାମଲ, ମନୋରଞ୍ଜନ ସାହୁ, ରଞ୍ଜନ ବାଇ, ଡା. ବି. କେ. ପ୍ରଶାନ୍ତ କୁମାର, କବିତା ମୁଦୁଲି, ସୁନନ୍ଦା ପ୍ରଧାନ, ବୀଣାପାଣି ଚୌଧୁରୀ, ନୃସିଂହ ତରାଇ, ବିମଳ ପ୍ରସାଦ ପରିଡା, ପୁଷ୍ପାଞ୍ଜଳି ପଣ୍ଡା, ମନ୍ମଥ ବରାଳ, ହରିହର ବେହେରା, ମାମା ସ୍ୱାଇଁ, ସମର୍ପିକା ଦଳାଇ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କେନ୍ଦ୍ରାପଡା କଲେଜର ଅଧ୍ୟାପକ ରଞ୍ଜିତ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଅଜିତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏକାଡେମୀର ଜିଲ୍ଲା ପ୍ରତିନିଧି ସରୋଜ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। କବି ନବଜ୍ୟୋତି ରାୟ କବିତା ସଂଯୋଜନା କରିଥିଲେ। ଏହି ସଭାକୁ ମହାବିଦ୍ୟାଳୟ ଓଡିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପିକା ମନୀଷାକାନ୍ତି ଜେନା, ଅଧ୍ୟାପିକା ସସ୍ମିତା ଅଧିକାରୀ ଓ ଅଧ୍ୟାପକ ପ୍ରମୋଦ ବେହେରା ସଂଚାଳନା କରିଥିଲେ। ସଭା ପ୍ରାରମ୍ଭରେ ସରସ୍ୱତୀ ଶିଶୁ ମନ୍ଦିର, ସାନ୍ତସାହିର ଛାତ୍ରଛାତ୍ରୀମାନେ ବନ୍ଦେ ମାତରମ ଗାନ କରିଥିଲେ। ଓଡିଆ ଭାଷା ସାହିତ୍ୟ ବିଭାଗର ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ। ଏଥିରେ ବହୁସଂଖ୍ୟକ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ।

# ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ଭବନ ଲୋକାର୍ପଣ କଲେ ବିଧାୟକ

ଜୟପୁର, (ପି.ଏନ): ଜୟପୁର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ଭବନ ଲୋକାର୍ପଣ ହୋଇଛି। ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକାର୍ପଣ କରିଛନ୍ତି। ଏହି ଉଦଘାଟନି କାଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳସଚିବ ଗୋପାଳ ହାଲଦାର, ରାସ୍ତା ଓ ଗୃହ ବିଭାଗରର ନିର୍ବାହୀଯନ୍ତ୍ରୀ ଗିରିଧର ଖଣ୍ଡପାଣି, କନିଷ୍ଠ ଯନ୍ତ୍ରୀ କୁମାର ବିପ୍ଲବ କୁଆଁର, ଡିଆଇଇଟିର ଅବସରପ୍ରାପ୍ତ ଅଧ୍ୟକ୍ଷ ନିଳାଚଂଳ ପ୍ରଧାନ, ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଛାତ୍ର ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ୨ କୋଟି ୯୯ ଲକ୍ଷ ଟଙ୍କା ବିନିମୟରେ ୨୨ଟି କ୍ଲାସ ରୁମ କରାଯାଇଛି। ପ୍ରତ୍ଯକ ଫ୍ଲୋରରେ ଟୟଲେଟର ବ୍ୟବସ୍ଥା କରାଯାଇଛି। ବିଶ୍ୱ ବ୍ୟାଙ୍କର ଟଙ୍କାରେ ଏହା ନିର୍ମାଣ କରାଯାଇଛି। ୨୨ଟି କ୍ଲାସ ରୁମ ଭିତରେ କମ୍ପୁଟର ରୁମ ମଧ୍ୟ ରହିଛି। ଏଠାରେ ଅତ୍ୟାଧୁନିକ ଲାଇବ୍ରେରି କରାଯିବ ବୋଲି ସୂଚନା ଦେଇଥିଲେ। ଏହା ସହ ବିଶ୍ୱବିଦ୍ୟାଳୟରେ ୬ଟି ନୂତନ ପିଜି ଖୋଲାଯାଇଛି। ଏଠାରେ ପାଠ ପଢାଯିବ। ବିଶ୍ୱବିଦ୍ୟାଳୟ ପାଇ ୭୨ ଏକର ଜମି ଚିହ୍ନଟ ହୋଇଛି।

## ମାଛଧରା ବୋଟ୍‌ରୁ ଖସିପଡି ମତ୍ସ୍ୟଜୀବୀ ମୃତ

ପାରାଦୀପ (ପିଏନ୍)-ପାରାଦୀପ ନେହେରୁ ବଙ୍ଗଳାସ୍ଥିତ ମାଛଧରା ବନ୍ଦରରେ ଏକ ମାଛଧରା ବୋଟ୍‌ରୁ ଖସିପଡି ଜନୈକ ମତ୍ସ୍ୟଜୀବୀଙ୍କର ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ, ବିଳମ୍ବିତ ରାତିରେ ପାରାଦୀପ ମାଛଧରା ବନ୍ଦରରେ ଏକ ବୋଟ୍ ଲୋକନାଥ-୩ ବୋଟ୍‌ରେ ନିଜ କାମ ସାରି ଶୋଇବାକୁ ଯାଇଥିଲେ ଭଦ୍ରକ ଜିଲ୍ଲା ଧାମରା ନିକଟସ୍ଥ ବାଂଶଗଡା ଗ୍ରାମର ମଥୁରା ମାଝୀଙ୍କ ପୁଅ ମହେଶ୍ୱର ମାଝୀ। ଅସାବଧାନତା ଯୋଗୁଁ ମହେଶ୍ୱର ତଳକୁ ଖସି ପଡିଥିଲେ। ସ୍ଥାନୀୟ ମତ୍ସ୍ୟଜୀବୀମାନେ ବହୁ ଖୋଜାଖୋଜି କରିବା ପରେ ବି ମହେଶ୍ୱରଙ୍କର କୌଣସି ସନ୍ଧାନ ମିଳି ନଥିଲା। ଖବରପାଇ ଓଡ୍ରାଫ ଟିମ୍ ମାଛଧରା ବନ୍ଦରରେ ପହଂଚି ଖୋଜାଖୋଜି କରିଥିଲେ। ବହୁ ସମୟ ଖୋଜାଖୋଜି କରିବା ପରେ ମହେଶ୍ୱରଙ୍କ ମୃତଦେହ ଉଦ୍ଧାର କରିଥିଲେ। ମୃତ ମହେଶ୍ୱର ଲୋକନାଥ-୩ ବୋଟ୍‌ରେ କାମ କରୁଥିଲେ। ପାରାଦୀପ ମେରାଇନ୍ ପୋଲିସ୍ ଶବ ଜବତ ପରେ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ।

## ଗଂଜେଇ ଚୋରା ବ୍ୟବସାୟ କରୁଥିବା ଅଭିଯୋଗରେ ବ୍ୟବସାୟୀ ଗିରଫ

ପାରାଦୀପ (ପିଏନ୍)-ପାରାଦୀପ ମଧୁବନ ଅଂଚଳରେ ଚୋରା ଗଂଜେଇ ବ୍ୟବସାୟ କରୁଥିବା ଅଭିଯୋଗରେ ପାରାଦୀପ ଆଦର୍ଶ ଥାନା ପୋଲିସ ବ୍ୟବସାୟୀକୁ ଗିରଫ କରିବା ସହ ତା' ନିକଟରୁ ଦୁଇ କିଲୋ ଚାରିଶ ଗ୍ରାମ ମେରିଜୁଆନ୍ (ଗଂଜେଇ) ଜବତ କରିଛି। ପାରାଦୀପ ପୋଲିସ୍ ସୂତ୍ରରୁ ପ୍ରକାଶ ଯେ, ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ନଳରା ଗ୍ରାମର ରାଜକିଶୋର ପାତ୍ରଙ୍କ ପୁଅ ବାପି ଓରଫ ବାପିନା ପାତ୍ର (୩୮) ପାରାଦୀପ ମଧୁବନ କେବିନ୍ ମାର୍କେଟ୍ ସବଷ୍ଟେସନ୍ ନୂଆ ରାସ୍ତାରେ ଗଂଜେଇ ବ୍ୟବସାୟ କରୁଥିବା ଖବର ପାଇ ପାରାଦୀପ ଆଦର୍ଶ ଥାନା ପୋଲିସ୍ ସେଠାରେ ପହଂଚି ଅଭିଯୁକ୍ତକୁ ଗିରଫ କରିବା ସହ ତା' ନିକଟରୁ ୨.୪୦୦ ଗ୍ରାମ୍ ଚୋରା ଗଂଜେଇ ଜବତ କରିଥିଲା। ପରେ ପାରାଦୀପ ପୋଲିସ୍ ପକ୍ଷରୁ ୨୪୦/୨୨ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପାରାଦୀପ ପୋଲିସ୍ ସୂତ୍ରରୁ ପ୍ରକାଶ।

# ନବୀକୃତ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ଉଦ୍‌ଘାଟିତ



କେନ୍ଦୁଝର (ପିଏନ୍): କେନ୍ଦୁଝର ମନୋଜ ମଂଜରୀ ଶିଶୁ ଭବନ ଦ୍ୱାରା ପରିଚାଳିତ ସିଦ୍ଧମଠ ସ୍ଥିତ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟର ଶ୍ରେଣୀ ଗୃହ ଜେ.ଏସ୍.ଡବ୍ଲୁ. ଷ୍ଟିଲ ଲିଃ ବଡବିଲ ସହାୟତାରେ ନବୀକୃତ କରାଯାଇଛି। ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତୀ ଅବସରରେ ନବୀକୃତ ବିଦ୍ୟାଳୟକୁ କେନ୍ଦୁଝର ଡିଏଫଓ ଧନରାଜ ଏଚ୍‌ଡି ଉଦ୍‌ଘାଟନ କରିଛନ୍ତି। ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତୀ ଅବସରରେ ସାରା ଦେଶ 'ଆଜାଦ କୀ ଅମୃତ ମହୋତ୍ସବ' ପାଳନ କରିଥିବାବେଳେ ସିଏସ୍ଆର କାର୍ଯ୍ୟକ୍ରମରେ ଏହି ମହନୀୟ କାମ କରିଥିବାରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ। ଭିନ୍ନକ୍ଷମ ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରି ସମାଜରେ ପ୍ରତିଷ୍ଠା ଲାଭ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଜେ.ଏସ୍,ଡବ୍ଲୁ (ମାଇନ୍ସ ଅପରେସନ) ଉପସଭାପତି ବିଶ୍ୱରଂଜନ ପାଢୀ ଯୋଗଦେଇ ୭୫ତମ ପୂର୍ତ୍ତୀ ଉପଲକ୍ଷେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥିସହିତ ସ୍ୱାଧିନତା ଆଣିବା ପାଇଁ ଯେଉଁ ବୀରପୁତ୍ରମାନେ କଠିନ ପରିଶ୍ରମ କରିଥିଲେ, ସେମାନଙ୍କ ସ୍ମୃତିଚାରଣ କରିଥିଲେ। ମନୋଜ ମଂଜରୀ ଶିଶୁ ଭବନର ସମ୍ପାଦକ ସତ୍ୟନାରାୟଣ ମିଶ୍ର ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ନବୀକରଣରେ ଜେ.ଏସ.ଡବ୍ଲୁ. ସହଯୋଗର ହାତ ବଢାଇଥିବାରୁ ଉପସ୍ଥିତ ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୋଦି ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ବା ୟୁଡିଆଇଡି ସାର୍ଟିଫିକେଟ ଅନଲାଇନରେ ଅଗଷ୍ଟ ମାସ ଶେଷ ସୁଦ୍ଧା କରିବାକୁ କହିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ରଥ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଜେ.ଏସ.ଡବ୍ଲୁ. ଷ୍ଟିଲ ଲିଃ କର୍ପୋରେଟ କମ୍ୟୁନିକେସନ ଜିଏମ ବିଶ୍ୱରାଜ ଦଲଗଡେ, ସିଏସ୍ଆର ହେଡ୍ କେଦାର ନାଥ ଶର୍ମା, ସିଏସ୍ଆର ଡେପୁଟି ମ୍ୟାନେଜର ପାର୍ଥସାରଥି ବେଉରିଆ, ସିନିୟର ମ୍ୟାନେଜର ଯୁଗଳ କିଶୋର ବାରିକ, ଆସିଷ୍ଟାଣ୍ଟ ମ୍ୟାନେଜର ସତ୍ୟବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତ୍ନାକର ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

—ଗଜରାଜଙ୍କ ପାଇଁ ସବୁଜ ସଂକଳ୍ପ—

# ଗଜରାଜଙ୍କ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲେ ବନବାସୀ



ଭୁବନେଶ୍ୱର (ପିଏନ୍): ହାତୀ ପାଇଁ ଦିନଟିଏ। ଗଜରାଜଙ୍କ ସୁରକ୍ଷା ପାଇଁ ପ୍ରତିବର୍ଷ ଅଗଷ୍ଟ ମାସ ୧୨ ତାରିଖଟିକୁ ବିଶ୍ୱ ହସ୍ତୀ ଦିବସ ରୂପେ ପାଳନ କରାଯାଇଥାଏ। ପରିବେଶ ସନ୍ତୁଳନରେ ହାତୀ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। କିନ୍ତୁ ଏବେ ବିପଦରେ ଗଜରାଜ। କେତେବେଳେ ହାତୀ-ମଣିଷ ସଂଘର୍ଷ ଭିତରେ ଉଭୟଙ୍କ ଜୀବନ ଯାଉଛି ତ ଆଉ କେତେବେଳେ ବିଦ୍ୟୁତ୍ ଆଘାତରେ ତ ଆଉ କେତେବେଳେ ଟ୍ରେନ୍ ଧକ୍କାରେ ତ ଆଉ କେତେବେଳେ ଶିକାରୀ ଗୁଳିରେ ଜୀବନ ଯାଉଛି। ଯଦି କ୍ରମାଗତ ଭାବରେ ଏହିପରି ପ୍ରତ୍ୟେହ ଅଘଟଣ ଘଟି ଚାଲେ ତେବେ ଖୁବ୍ କମ୍ ଦିନରେ ଆମ ରାଜ୍ୟ ଗଜଶୂନ୍ୟ ହୋଇଯିବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଦିବସ ପାଳନ ଅବସରରେ ଚନ୍ଦକା-ଡ଼ମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ରହିଥିବା ଆଦିବାସୀପଲ୍ଲୀ କନ୍ଦଳେଇଠାରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିବେଶବିତ୍ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବନବାସୀମାନେ ହାତୀମୁଖା ପିନ୍ଧି ନିଆରା ଢଙ୍ଗରେ ଜନ ସଚେତନତାର ବାର୍ତ୍ତା ବାଣ୍ଟିବା ସହ ଗଜରାଜଙ୍କ ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସଂପ୍ରତି ଜଙ୍ଗଲରେ ଖାଦ୍ୟାଭାବ ଯୋଗୁ ହାତୀ ଜନବସତି ମୁହାଁ ହେଉଛନ୍ତି। ଯଦ୍ୱାରା ଏମାନଙ୍କ ଜୀବନ ଅକାରଣେ ଚାଲିଯାଉଛି। ଖାଦ୍ୟ ଅଭାବ ଦୂର ପାଇଁ ଜଙ୍ଗଲରେ ସିଡ୍‌ସବଲ୍ ଅର୍ଥାତ୍ (ବିହନ ପେଣ୍ଡୁ) ମାଧ୍ୟମରେ ହାତୀର ପ୍ରିୟ ଖାଦ୍ୟ ଗଛ ସୃଷ୍ଟି ପାଇଁ ଏ ନେଇ ବନବାସୀମାନେ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସକାରାତ୍ମକ ଶ୍ରମ ହିଁ ସଫଳତା ଆଣି ଦେଇଥାଏ



ଫୁଲନଖରା (ପିଏନ୍)-କଟକ ସଦର ପ୍ରେସ କ୍ଲବ ତରଫରୁ ମାଟ୍ରିକ ପରୀକ୍ଷାରେ ସ୍ଥାନୀୟ ଅଞ୍ଚଳର ହାଇସ୍କୁଲ ଟପରମାନଙ୍କୁ ସମ୍ମାନିତ କରାଯାଇଛି। ଏହି ଉପଲକ୍ଷେ ପ୍ରତାପନଗରୀ ସ୍ଥିତ ଧାକୁଲେଇ ମଣ୍ଡପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରେସ କ୍ଲବ ସଭାପତି ସୁରେନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରି ସମ୍ପୃକ୍ତ ଅଞ୍ଚଳର କୃତୀ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରି ଶିକ୍ଷାର ବିକାଶ କରିବା ଆମ ଲକ୍ଷ୍ୟବୋଲି ମତ ଦେଇଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ପ୍ରଚାରକ ପଣ୍ଡିତ ଡଃ. କୃଷ୍ଣକେଶବ ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସର୍ବଦା ସକାରାତ୍ମକ ମନୋବୃତ୍ତି ନେଇ କାର୍ଯ୍ୟ ତଥା ପାଠ ପଢ଼ିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶିଷ୍ଟ ଲେଖିକା ତଥା ସ୍ତମ୍ଭକାର ଛନ୍ଦା ମିଶ୍ର ମୁଖ୍ୟବକ୍ତାଭାବେ ଅଂଶଗ୍ରହଣ କରି ଉଲ୍‌କା ପିଣ୍ଡ ପରି କ୍ଷଣସ୍ଥାୟୀ ପରିବର୍ତ୍ତେ ଧ୍ରୁବ ତାରା ପରି ସ୍ଥିର ଓ ଜାଜ୍ୱଲ୍ୟମାନ ହେବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଆଧ୍ୟାତ୍ମିକ ପ୍ରବକ୍ତା ତଥା ସ୍ତମ୍ଭକାର ଶ୍ରୀ ସନ୍ନ୍ୟାସୀ ଜୀ, ପଣ୍ଡିତ ଅଜୟକୁମାର ପତି ଓ ପ୍ରେସ କ୍ଲବ କାର୍ଯ୍ୟକାରୀ ସଭାପତି ଲଳିତକୁମାର ଦାଶ ସମ୍ମାନିତ ଅତିଥିରୂପେ ମଞ୍ଚାସୀନ ରହି ଉପସ୍ଥିତ ସମସ୍ତ ସଫଳ ବିଦ୍ୟାର୍ଥୀଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ଓ ବେଦପାଠ ହୋଇଥିଲା। କାନନବିହାରୀ ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲାବେଳେ ରମେଶଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଡଃ. ଶରତକୁମାର ରଥ, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି ସହ-ସମ୍ପାଦକ ବାଦଲକୁମାର ଜେନା, ପ୍ରଧାନଶିକ୍ଷକ ଚନ୍ଦ୍ରମଣି ପ୍ରଧାନ ଓ ଇଂ. ପ୍ରକାଶକୁମାର ସେଠୀଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶିକ୍ଷାବିତ୍ ଉତ୍ସବରେ ଉପସ୍ଥିତ ଥିଲେ। ଏହି ଅବସରରେ ୩୦ଟି ହାଇସ୍କୁଲର ମାଟ୍ରିକ ଟପରମାନଙ୍କୁ ପୁରସ୍କୃତ କରାଯିବା ସହିତ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ଗଜେନ୍ଦ୍ରନାଥ ଦାସ, ସତ୍ୟରଂଜନ ଦାସମହାପାତ୍ର, ଅମିତ କୁମାର ପରିଡା, ରାକେଶ କୁମାର ହୋତା, ଭବାନୀଶଙ୍କର ପାତ୍ର ଓ ଅଜୟ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ରାଜକିଶୋର ବେହେରା, ଧିରେନ୍ଦ୍ର ସାହୁ, ଶଶିଭୂଷଣ ଦାଶ ଓ ଅଜୟ କୁମାର ପାତ୍ର ସହଯୋଗ କରିଥିଲେ। ଶେଷରେ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG.,
Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଓଡ଼ିଶାର ଗର୍ବ ଓ ଗୌରବ ନାଲ୍କୋର ବିଦ୍ୟୁତ ସଙ୍କଟ ବିପଦଜନକ ପରିସ୍ଥିତିରେ

ଭୁବନେଶ୍ୱର,(ପି.ଏନ): ଭାରତ ବର୍ଷର ଆଲୁମିନିୟମ ଉତ୍ପାଦନ କ୍ଷେତ୍ରରେ କାର୍ଯ୍ୟରତ ଏକମାତ୍ର ନବରତ୍ନ ରାଷ୍ଟ୍ରାୟତ ଉଦ୍ୟାଗ ନାଲ୍କୋ ଆଜି ଘୋର ବିଜୁଳି ସଙ୍କଟରେ ପହଂଚିଛି। ନାଲ୍କୋର ଉତ୍ପାଦନ ଆରମ୍ଭରୁ ନାଲ୍କୋ ପର୍ଯ୍ୟାପ୍ତ ଲାଭ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ରାଜକୋଷକୁ ସହାୟ ହେଉଥିବାବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନାଲ୍କୋକୁ ଘୋର ଅବହେଳା କରୁଛନ୍ତି। ଯାହାଦ୍ୱାରା ଆଗାମୀ ଦିନରେ ନାଲ୍କୋ ଏକ ରୁଗ୍ଣ ଶିଳ୍ପ ଅନୁଷ୍ଠାନରେ ପରିଣତ ହେବାକୁ ଏଡ଼ାଇ ଦିଆନଯାଇପାରେ। ଦୀର୍ଘ ଦିନ ପ୍ରତିକ୍ଷା ପରେ ନାଲ୍କୋରୁ ନିଷ୍କାସିତ ପାଂଉଷ ପାଣି (ଲିନ୍ସ୍ଲରୀ)କୁ ମହାନଦୀ କୋଲ୍ଫିଲ୍ଡ଼ ଦ୍ୱାରା ପରିତ୍ୟକ୍ତ କୋଇଲା ପୋଖରୀରେ ଭର୍ତି କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ବର୍ତମାନ କିଛି ସ୍ୱାର୍ଥନେସି ରାଜନେତାଙ୍କ ଚକ୍ରାନ୍ତ ଫଳରେ ଦୀର୍ଘ ୧୦ ଦିନ ହେଲା ଉକ୍ତ ପାଉଂଷ ପାଣି ନିଷ୍କା ସନ ଓ ଭର୍ତି କରିବା ବ୍ୟବସ୍ଥା ସଂପୂର୍ଣ୍ଣ ବନ୍ଦ ହୋଇଛି। ଯାହାଦ୍ୱାରା ନାଲ୍କୋ କର୍ତୃପକ୍ଷ ବାଧ ହୋଇ ୧୨୦ ମେଗାୱାଟ ବିଶିଷ୍ଟ ୪ ଟି ୟୁନିଟ୍‌କୁ ବନ୍ଦ କରିଛନ୍ତି। ନାଲ୍କୋର ଆବଶ୍ୟକୀୟ ୭୭୩ ମେଗାୱାଟ ବିଦ୍ୟୁତ ଶକ୍ତିକୁ ଭରଣା କରିବା ପାଇଁ ରାଜ୍ୟ ସରକାରଙ୍କ ଠାରୁ ଅତ୍ୟଧିକ ମୂଲ୍ୟରେ ନାଲ୍କୋ ୩୦୦ ମେଗାୱାଟ ବିଦ୍ୟୁତ କିଣୁଛି। ଯାହାର ପ୍ରଭାବ ନାଲକୋର ଚଳିତ ବର୍ଷ ଲାଭାଂଶକୁ ନିଶ୍ଚୟ ପ୍ରଭାବିତ କରିବ। ଅନ୍ୟପକ୍ଷରେ ନାଲ୍କୋର ଲାଭାଂଶର ହିସାବ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିଅନ୍ତି। ଉକ୍ତ କ୍ଷତିଯୋଗୁଁ ଉଭୟ ସରକାରଙ୍କ ପ୍ରାପ୍ୟ କମିବା ସହିତ ଏହା ଏକ ଜାତୀୟ କ୍ଷତି କହିଲେ ଅତିଂକ୍ତି ହେବ ନାହିଁ। ଅନ୍ୟପକ୍ଷରେ ନାଲ୍କୋକୁ ଆବଶ୍ୟକୀୟ କୋଇଲା ମଧ ଏମ୍.ସି.ଏଲ କର୍ତୃପକ୍ଷ ବିଭିନ୍ନ ଆଳ ଦେଖାଇ ଦେଉନାହାନ୍ତି। ତା' ସହିତ ବର୍ତମାନ ଏମ୍.ସି.ଏଲ. ନାଲ୍କୋକୁ ଦେଉଥିବା କୋଇଲାର ଗୁଣାତ୍ମକମାନ ଯଥେଷ୍ଟ ହ୍ରାସ ହୋଇଛି। ଯାହା ପ୍ରଭାବରେ ମଧ ଉତ୍ପାଦକତା ହ୍ରାସ ହେଉଛି। ଆବଶ୍ୟକୀୟ ବିଦ୍ୟୁତର ଅଭାବ ଯୋଗୁ ସ୍ମେଲ୍ଟର ପ୍ଲାଂଟରେ ଥିବା ଆଲୁମିନିୟମ ଉତ୍ପାଦନ କାରୀ ପଟ ଗୁଡ଼ିକ କମ୍ କଂରେଟ ଖର୍ଚ୍ଚରେ ଚାଲୁଛି ଏବଂ ଏ ପ୍ରକ୍ରିୟା ଜାରି ରହିଲେ ଆଗାମୀ ଦିନରେ ପର୍ଟ ଗୁଡ଼ିକ ବନ୍ଦ ହୋଇଯିବାକୁ ଏଡ଼େଇ ନ ଦିଆଯାଇପାରେ। ସ୍ମେଲ୍ଟର ପଟ ଚାଲିବା ପାଇଁ ଆବଶ୍ୟକୀୟ କଂଚା ମାଲ୍ର ମଧ ଗୁଣାତ୍ମକ ମାନ ହ୍ରାସ ହେଉଛି। ରାଷ୍ଟ୍ରୀୟ ମଜୁଦର କଂଗ୍ରେସ ଦ୍ୱାରା ସହବନ୍ଧିତ ସଂଗଠନର ନେତାମାନେ ବିଭିନ୍ନ ସମୟରେ ନାଲ୍କୋ କର୍ତୃପକ୍ଷଙ୍କ ସହିତ ଆଲୋଚନା କଲେ ମଧ ନାଲ୍କୋ କର୍ତୃପକ୍ଷଙ୍କ ଖାମଖିଆଲି ମନଭାବ ଯୋଗୁଁ ସମାଧାନ ହୋଇପାରୁନାହିଁ। ହଠାତ୍ ବିଦ୍ୟୁତ୍ ଯୋଗାଣର ଅସୁବିଧାକୁ ଏଡ଼େଇବା ପାଇଁ ନାଲ୍କୋ କର୍ତୃପକ୍ଷ ଦୀର୍ଘ ୪୦ ବର୍ଷର ଟେକ୍ନୋଲୋଜି ଦ୍ୱାରା ନିର୍ଦ୍ଧାରିତ କରେଂଟ୍ ହାର ୧୮୫ କିଲୋଆମ୍ପିୟରକୁ ୧୭୫ କିଲୋଆମ୍ପିୟର ଖସାଇ ଦେବାଟା ପଟ୍ ଗୁଡ଼ିକର ଜୀବନ ସହିତ ଖେଳ ଖେଳିବା ସହିତ ସମାନ। ଆଜି ଦିନରେ ନାଲ୍କୋର ମାନବ ସମ୍ବଳ ସଂଖ୍ୟାରୁ ପାଖାପାଖି ୩ ହଜାର କର୍ମଚାରୀ ଅବସର ନେବା ଯୋଗୁଁ ୩ ହଜାର ପଦବୀ ଏବେ ବି ପୂରଣ ହୋଇପାରୁନାହିଁ। ଗୋଟିଏ ପଟେ ଆବଶ୍ୟକ କର୍ମଚାରୀଙ୍କ ଅଭାବ ଓ ନାଲ୍କୋ କର୍ତୃପକ୍ଷଙ୍କ ଖାମଖିଆଲି ନୀତି ଯୋଗୁଁ ପଦବୀ ପୂରଣ ହୋଇପାରୁନାହିଁ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସହବନ୍ଧିତ ସଂଗଠନମାନେ ବାରମ୍ବାର ନାଲ୍କୋ କର୍ତୃପକ୍ଷ ତଥା ସ୍ୱାଧିନ ନିର୍ଦ୍ଦେଶମାନଙ୍କୁ ଅବଗତ କଲେ ବି ଏପର୍ଯ୍ୟନ୍ତ କୌଣସି ସୁଫଳ ପ୍ରାପ୍ତ ହୋଇ ନାହିଁ। ତେଣୁ ଆବଶ୍ୟକୀୟ କର୍ମଚାରୀଙ୍କ ଅଭାବରେ ଆଗାମୀ ଦିନରେ ନାଲ୍କୋର ଉତ୍ପାଦନ ହ୍ରାସ ହେବା ସହିତ କମ୍ପାନୀର ଯାନ୍ତ୍ରିକତ୍ରୁଟି ଓ ଲାଭର ହାର ମଧ କମିବାର ସମ୍ଭାବନା ଅଛି। ଏହା ପ୍ରମାଣ କରୁଛି ଯେ, ନାଲ୍କୋ କର୍ତୃପକ୍ଷ ଜାଣିଶୁଣି ସ୍ମେଲଟର ପ୍ଲାଂଟକୁ ବନ୍ଦ କରି ଘରୋଇ ସଂସ୍ଥା ହାତରେ ଟେକି ଦେବା ପାଇଁ ମସୁଧା କରୁଛନ୍ତି।ଅନ୍ୟପକ୍ଷରେ ଦୀର୍ଘ ଜାନୁୟାରୀ ୨୦୧୭ ମସିହାରୁ କର୍ମଚାରୀମାନଙ୍କ ନାର୍ଯ୍ୟପ୍ରାପ୍ୟ ବିଶେଷ କରି ଇନ୍ସେଂଟିଭ୍ / ପି.ଆର.ପି./ ଗ୍ରାଚ୍ୟୁରିଟି ଓ ବିଶେଷକରି କି ଷଷ୍ଠ ବେତନ ନିର୍ଦ୍ଧାରଣ ଚୁକ୍ତିନାମା ଅନୁସାରେ କନିଷ୍ଠ କର୍ମଚାରୀମାନଙ୍କର ପ୍ରମୋସନର ବାକିଆ ପାଉଣା ପୈଠ କରୁନାହାନ୍ତି। ଅତି ଲଜ୍ଜାଜନକ କଥା ଯେ, ଦୀର୍ଘ ୪ ବର୍ଷ ହେଲା କର୍ମଚାରୀମାନଙ୍କୁ ମିଳିଆସୁଥିବା ଗଣପୋଷାକ ଏପର୍ଯ୍ୟନ୍ତ ମିଳିନାହିଁ। ଯାହାପାଇଁ କର୍ତୃପକ୍ଷ ସଂପୂର୍ଣ୍ଣ ଦାୟୀ। ଆଶ୍ଚର୍ଯ୍ୟ କଥା ଯେ, ନାଲ୍କୋ ୨୦୧୯ ମସିହାରୁ ଷଷ୍ଠ ବେତନ ନିର୍ଦ୍ଧାରଣ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ ବି, ଉକ୍ତ ଚୁକ୍ତିନାମାରେ ଗୋଟିଏ ନୂତନ ଗ୍ରେଡ୍ ସୃଷ୍ଟି କରିଥିଲେ କିନ୍ତୁ ଏପର୍ଯ୍ୟନ୍ତ ୪ ବର୍ଷ ଅତିବାହିତ ହେଲା ପରେ ବି ଉକ୍ତ ପଦବୀର ଉପଯୁକ୍ତ ନାମକରଣ ତଥା ପଦନ୍ନୋତିର କାଳାବଧି ନିର୍ଦ୍ଧାରଣ କରାଯାଇନାହିଁ। ଏ ସବୁ ପ୍ରମାଣ କରୁଛି ଯେ, ନାଲ୍କୋ କର୍ତୃପକ୍ଷ କେବଳ ନିଜର ସ୍ୱାର୍ଥ ସାଧନ କରିବା ବ୍ୟତିତ କର୍ମଚାରୀମାନଙ୍କ କୌଣସି ନ୍ୟାର୍ଯ୍ୟ ପ୍ରାପ୍ୟ ବା ଦାବିକୁ କର୍ଣ୍ଣପାତ କରୁନାହାନ୍ତି। ତେଣୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ତରଫରୁ ନାଲ୍କୋ କର୍ତୃପକ୍ଷଙ୍କ ଏତାଦୃଶ୍ୟହୀନ ମାନସିକତାକୁ ନିନ୍ଦା କରିବା ସହିତ ଏହାର ତୁରନ୍ତ ସମାଧାନ କରିବା ପାଇଁ କେନ୍ଦ୍ର ସରକାର ତଥା ଖଣିମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ, ରାଜ୍ୟ ମୁଖ୍ୟ ଶାସନ ସଚୀବ, ଖଣି ସଚୀବ ଓ କେନ୍ଦ୍ର ଶ୍ରମ ସଚୀବଙ୍କ ହସ୍ତକ୍ଷେପ କରିବାକୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡଃ ରାମଚନ୍ଦ୍ର ଖୁଂଟିଆ, ସାଧାରଣ ସମ୍ପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ଯୁଗ୍ମ ସାଧାରଣ ସମ୍ପାଦକ- ନିର୍ମଳ ସାମଲ, ସମ୍ପାଦନ - ପ୍ରଦୀପ ଦାସ, ବିଭବ ଜେନା, ବିମଳ ନାୟକ ଓ ସୋମନାଥ ମହାପାତ୍ର ପ୍ରଭୂତି ନେତୃବର୍ଗ ଦାବୀ କରିଛନ୍ତି।

## ବନ ବିଭାଗର ମୃ କା ଏବଂ ଆର୍ଦ୍ରତା ସଂରକ୍ଷଣ ପାଇଁ ବ୍ୟାପକ ପଦକ୍ଷେପ

ବଲାଙ୍ଗିର, (ପି.ଏନ): ବଲାଙ୍ଗୀର ବନ ବିଭାଗ ବିଭିନ୍ନ ସ୍ଥାନରେ ମୃତିକା ଏବଂ ଆର୍ଦ୍ରତା ସଂରକ୍ଷଣ ପାଇଁ ବ୍ୟାପକ ପଦକ୍ଷେପ ନେଇଛି, ଯାହା ଏକ ବିସ୍ତୃତ ଜଙ୍ଗଲ ଅଂଚଳକୁ ଅନ୍ତର୍ଭୁକ୍ତ କରିଛି। ୪୦ ଟି ତାର ଜାଲ୍ ଚେକ୍ ଡ୍ୟାମ୍ ଏବଂ ୨୭୦ ଟି ବୋଲ୍ଡର୍ ଚେକ୍ ଡ୍ୟାମ୍ ନିର୍ମାଣ ବ୍ୟତୀତ ଡିଭିଜନ୍ ଜଙ୍ଗଲ ଚଟାଣରେ ବିଭିନ୍ନ ଆକାରର ୨୫ ଟି ଆରସିସି ଚେକ୍ ଡ୍ୟାମ୍ ମଧ କାର୍ଯ୍ୟକାରୀ କରିଛି। ଏହି ସୁସଜ୍ଜିତ ଚେକ୍ ଡ୍ୟାମ୍ ବର୍ଷା ଜଳକୁ ଧରିବାରେ ଅତ୍ୟନ୍ତ ପ୍ରଭାବଶାଳୀ ପ୍ରମାଣିତ ହୋଇଛି, ଯାହାକି ଭୂତଳ ଜଳର ରିଚାର୍ଜ ଏବଂ ବହୁ ପରିମାଣର ଜଳ ସଂରକ୍ଷଣକୁ ନେଇଥାଏ। ଡିଭିଜନର ଉତ୍ସର୍ଗୀକୃତ ଏବଂ କଠିନ ପରିଶ୍ରମ ଫଳ ଦେଇଛି, କାରଣ ଏହି ସଂରଚନାଗୁଡ଼ିକ ବର୍ତମାନ ଉଲ୍ଲେଖନୀୟ ଦକ୍ଷତା ସହିତ କାର୍ଯ୍ୟ କରୁଛି। ଚାଲୁଥିବା ମନିଟରିଂ ପ୍ରୟାସ ଆର୍ଦ୍ରତା ଧାରଣର ମୂଲ୍ୟାଙ୍କନ, ଭୂତଳ ଜଳର ସର୍ବେକ୍ଷଣ ଏବଂ ଅନ୍ୟାନ୍ୟ ପାରାମିଟର ମଧ୍ୟରେ ବନ୍ୟଜନ୍ତୁ ଉପଯୋଗିତାକୁ ଆକଳନ କରିଥାଏ। ୨୦୨୩-୨୪ ଆର୍ଥିକ ବର୍ଷକୁ ଦୃଷ୍ଟିରେ ରଖି ଜଙ୍ଗଲ ଚଟାଣର ଜଳବାୟୁ ସ୍ଥିରତାକୁ ଦୃଢ଼ କରିବା ପାଇଁ ଡିଭିଜନର ଯୋଜନା ରହିଛି ବୋଲି ଜିଲ୍ଲା ବନଖଣ୍ଡ ଅଧିକାରୀ ନୀତିଶ କୁମାରଙ୍କ ଠାରୁ ଜଣାପଡ଼ିଛି।

## ପୂର୍ବତନ ନିର୍ଦ୍ଦେଶକଙ୍କ ଦ୍ୱାରା ବେଆଇନ ଭାବରେ କଟା ଯାଇଥିବା ସମସ୍ତ ପ୍ରାପ୍ୟ ସାମୟିକ ସମ୍ବାଦଦାତାଙ୍କୁ ପ୍ରଦାନ କରିବାକୁ ଦୂରଦର୍ଶନ କର୍ତୁପକ୍ଷଙ୍କୁ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

ବୌଦ୍ଧ, (ପି.ଏନ): ପୂର୍ବତନ ନିର୍ଦ୍ଦେଶକଙ୍କ ଦ୍ୱାରା ବେଆଇନ ଭାବରେ ବିଲ ରୁ କଟାଯାଇଥିବା ସମସ୍ତ ଅର୍ଥ ସାମୟିକ ସମ୍ବାଦଦାତାଙ୍କୁ ପ୍ରଦାନ କରିବାକୁ ଦୂରଦର୍ଶନ କର୍ତୁପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଜାରି କରିଛନ୍ତି। ହାଇକୋର୍ଟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଦାଖଲ ହୋଇଥିବା ଏକ ରିଟ ପିଟିସନ ନମ୍ବର ୨୦୪୧୨/୨୦୨୩ ର ଶୁଣାଣି କରି ଏହି ରାୟ ପ୍ରଦାନ କରିଛନ୍ତି । ମାମଲାରେ ଆବେଦନକାରୀ ପ୍ରସାର ଭାରତୀର ବୌଦ୍ଧ ଜିଲା ପ୍ରତିନିଧି ସମ୍ପତ କୁମାର ଅଗ୍ରୱାଲା ନିୟମିତ କାମ କରିବା ସହ ୨୦୨୦-୨୦୨୧ ମସିହାର ସମ୍ବାଦ ଯୋଗାଣ ବାବଦରେ ବିଲ ଦାଖଲ କରିଥିଲେ । ମାତ୍ର ଦୂରଦର୍ଶନ ସମାଚାର ବିଭାଗର ପୂର୍ବତନ ନିର୍ଦ୍ଦେଶକ ବଦ୍ରିନାରାୟଣ ଅଧିକାରୀ ତାଙ୍କ ପ୍ରାପ୍ୟକୁ କାଂଟଛାଣ୍ଟ କରି ପଇଠ କରିଥିଲେ । ଏନେଇ ସେ ବାରମ୍ବାର ପ୍ରସାର ଭାରତୀର ସବୁ ସ୍ତରରେ ନିବେଦନ କରିଥିଲେ ବି କେହି କର୍ଣ୍ଣପାତ କରିନଥିଲେ । ବଳକା ପ୍ରାପ୍ୟ ପାଇବା ପାଇଁ ସମ୍ପତ କୁମାର ଅଗ୍ରୱାଲା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ବିଚାରପତି ସବୁ ଦଲିଲ ଅନୁଧ୍ୟାନ କରିବା ପରେ ଆଇନ ଅନୁଯାୟୀ ସମସ୍ତ ବକେୟା ପ୍ରାପ୍ୟ ୬ ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ ପ୍ରସାର ଭାରତୀ କର୍ତୁପକ୍ଷଙ୍କ ସମେତ ଅନ୍ୟ ପ୍ରତିପକ୍ଷଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି । ଦୂରଦର୍ଶନ ସମାଚାର ବିଭାଗର ପୂର୍ବତନ ନିର୍ଦ୍ଦେଶକ ବଦ୍ରିନାରାୟଣ ଅଧିକାରୀ ବେଆଇନ ଭାବରେ ମନ୍ଦ ଉଦେଶ୍ୟ ରଖି ବୌଦ୍ଧ ଜିଲା ପ୍ରତିନିଧି ସମ୍ପତ କୁମାର ଅଗ୍ରୱାଲାଙ୍କ ବିଲ କୁ କାଂଟଛାଂଟ କରି ପଇଠ କରିଥିଲେ । ୨୦୨୦-୨୦୨୧ ମସିହାର ସମ୍ବାଦ ଯୋଗାଣ ବାବଦରେ ଦାଖଲ ହୋଇଥିବା ବିଲ ରୁ କଟାଯାଇଥିବା ପ୍ରାପ୍ୟ ପ୍ରଦାନ କରିବା ପାଇଁ ଶ୍ରୀ ଅଗ୍ରୱାଲା ତତ୍କାଳିନ ଦୂରଦର୍ଶନ ନିର୍ଦ୍ଦେଶକ ବଦ୍ରିନାରାୟଣ ଅଧିକାରୀ, ଦୂରଦର୍ଶନ ସମ୍ବାଦ ବିଭାଗ ଡିଜିଙ୍କୁ ବାରମ୍ବାର ନିବେଦନ କରିଥିଲେ ବି କେହି କର୍ଣ୍ଣପାତ କରିନଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ତତ୍କାଳିନ ଦୂରଦର୍ଶନ ନିର୍ଦ୍ଦେଶକ ବଦ୍ରିନାରାୟଣ ଅଧିକାରୀ ଜିଲାସ୍ତରରେ କାମ କରୁଥିବା ସମସ୍ତ ସାମୟିକ ସମ୍ବାଦଦାତାମାନଙ୍କୁ ହଟାଇ ନୂତନ ନିଯୁକ୍ତି ପ୍ରଦାନ କରିବାକୁ ଉଦ୍ୟମ କରିଥିଲେ । ଯାହାକୁ ନେଇ ସାମୟିକ ସମ୍ବାଦଦାତାମାନେ ହାଇକୋର୍ଟର ଦ୍ୱାରସ୍ଥ ହୋଇ ସ୍ଥଗିତ କରାଇବାକୁ ସଫଳ ହୋଇଥିଲେ । ଏଥିରେ ଉତ୍ୟକ୍ତ ହୋଇ ତତ୍କାଳିନ ଦୂରଦର୍ଶନ ନିର୍ଦ୍ଦେଶକ ବଦ୍ରିନାରାୟଣ ଅଧିକାରୀ ସମ୍ପତ କୁମାର ଅଗ୍ରୱାଲାଙ୍କ ସମେତ ଅନେକ ସାମୟିକ ସମ୍ବାଦଦାତାମାନଙ୍କ ବିଲ କୁ କାଂଟଛାଂଟ କରି ସ୍ୱଳ୍ପ ପ୍ରାପ୍ୟ ପଇଠ କରିଥିଲେ । ଏହା ସହ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବା ସାମୟିକ ସମ୍ବାଦଦାତାମାନଙ୍କୁ କାମ ଦେବା ମଧ ବନ୍ଦ କରିଦେଇଥିଲେ । ଫଳରେ ଗୋଟିଏ ପଟେ ୩ ବର୍ଷ ହେଲା ସାମୟିକ ସମ୍ବାଦଦାତାମାନେ ଆର୍ଥିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଅନ୍ୟପଟେ ଦୂରଦର୍ଶନର ଆଂଚଳିକ ସମ୍ବାଦ ବିଭାଗ ଦ୍ୱାରା ପ୍ରସାରିତ ଖବରରୁ ଆଂଚଳିକ ଖବର ସବୁ ହଜିଯାଇଥିଲା । ମାମଲାର ଆବେଦନକାରୀ ପ୍ରସାର ଭାରତୀର ବୌଦ୍ଧ ଜିଲା ପ୍ରତିନିଧି ସମ୍ପତ କୁମାର ଅଗ୍ରୱାଲାଙ୍କ ପକ୍ଷରୁ ହାଇକୋର୍ଟର ବରିଷ୍ଠ ଓକିଲ କିଶୋର କୁମାର ମିଶ୍ର ମାମଲା ପରିଚାଳନା କରିଥିଲେ ।

## ଅଗଷ୍ଟ କ୍ରାନ୍ତି ଦିବସରେ ମୋଦୀ ସରକାରକୁ ଘେରିବେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡ଼େରେସନ



ଭୁବନେଶ୍ୱର, (ପି.ଏନ): ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କାର୍ଯ୍ୟାଳୟରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡ଼େରେସନ ମାନଙ୍କର ଏକ ବୈଠକରେ ସି.ଆଇ.ଟି.ୟୁର ନେତା ଦୁଷ୍ମନ୍ତ ଦାସ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବ୍ୟାଙ୍କ, ବୀମା ଓ କେନ୍ଦ୍ରୀୟ ଶ୍ରମିକ ସଂଗଠନର ପ୍ରତିନିଧି ଯୋଗ ଦେଇ ଅଗଷ୍ଟ ୯ କ୍ରାନ୍ତି ଦିବସ ମୋଦି ସରକାରଙ୍କ ଶ୍ରମିକ ବିରୋଧୀ ନୀତି, ବ୍ୟାଙ୍କ, ଘରୋଇକରଣ ସହ ରାଷ୍ଟ୍ରାୟତ ଉଦ୍ୟୋଗ୍ୟକୁ ନୂତନ ପେନସନ କୁ ବନ୍ଦ କରି ପୁରୁଣା ପେନସନ ଲାଗୁ କରିବା ଦାବିରେ ୫୦୦୦ ଶ୍ରମିକଙ୍କୁ ନେଇ ବ୍ୟାପକ ଅଭିଯାନ ଭୁବନେଶ୍ୱରରେ କରାଯିବାକୁ ବୋଲି ସ୍ଥିର ହୋଇଛି। ପ୍ରତି ଜିଲ୍ଲା ମାନଙ୍କରେ ମୋଦି ସରକାରଙ୍କ ଜନବିରୋଧୀ, ଶ୍ରମିକ ବିରୋଧୀ ନୀତିକୁ ନେଇ ଜିଲ୍ଲା ସମ୍ମିଳନୀ ପ୍ରସ୍ତୁତ କରାଯାଇଛି। ତେଣୁ ପ୍ରତ୍ୟେକ କ୍ଷେତ୍ରରେ ନିୟୋଜିତ ହୋଇଥିବା ଶ୍ରମିକମାନେ ଏ ସମାବେଶକୁ ସଫଳ କରିବା ଲାଗି ରାଜ୍ୟ ଶ୍ରମିକ ନେତାମାନେ ଆହ୍ୱାନ ଦେଇଛନ୍ତି। ଆଜିର ଏହି ବୈଠକରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖାର ଉପସଭାପତି ଶ୍ୟାମ ସୁନ୍ଦର ମହାପାତ୍ର, ଏ.ଆଇ.ୟୁ.ଟି.ୟୁ.ସିର ନେତା - ନିରଞ୍ଜନ ମହାନ୍ତି, ଏ.ଆଇ.ଟି.ୟୁ.ସିର ନେତା - ସୁର ଜେନା, ସତ୍ୟବାଦୀ ଦାସ, ଏ.ଆଇ.ସି.ସି.ଟି.ୟୁର ନେତା - ମହେନ୍ଦ୍ର ପରିଡ଼ା, ଏଚ.ଏମ୍.ଏସ୍.ର ନେତା- ବି.ଏନ୍. ମହାପାତ୍ର, ନବକିଶୋର ମଲ୍ଲିକ, ଟି.ୟୁ.ସି.ସିର ନେତା- ଜ୍ୟୋତି ରଞ୍ଜନ ମହାପାତ୍ର, ଲକ୍ଷ୍ମୀଧର ଗିରି,ଏଲ.ପି.ଏଫ୍.ର ନେତା- ମଧୁସୁଦନ ପ୍ରଧାନ ଓ ମାୟାଧର ନାୟକ, ସି.ସି.ଜି.ଡ଼. ଆଣ୍ଡ ଡବ୍ଲୁର ନେତା- ବୃହସ୍ପତି ସାମଲ, ଓ.ଏସ୍.ଜି.ଇ.ସି.ସି.ର ନେତା- କ୍ଷେତ୍ରମୋହନ ଦାସ, ଏ.ଓ.ବି.ଇ.ଏଫ୍ର ନେତା- ଅଜୟ କୁମାର ମହାନ୍ତି, ବି.ଡ଼ି.ଏଲ.ଆଇ.ଇ.ଏର ନେତା- ରମାକାନ୍ତ ଦାସ, ଅସିତ କୁମାର ବାସୁମଲ୍ଲିକ, ଏ.ଓ.ବି.ଇ.ଏଫର ନେତା- ତ୍ରିନାଥ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ପଣସପୁଟ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସ୍ଥା ଶୋଚନୀୟ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଂଚଳ ପଣସପୁଟ ସଦର ମହକୁମା ଠାରେ ୧୯୬ ୩ ମସିହା ଠାରୁ ମାଲକାନଗିରି ମଙ୍ଗଳ ବିଭାଗ ଅଧିନରେ ଚାଲିଆସୁଥିବା ସରକାରୀ ଉଚ୍ଚ ବିଦ୍ୟାଳୟର ଅବସ୍ଥା ଶୋଚନୀୟ ହୋଇପଡିଛି। ନିକଟରେ ଫାଇଭ-ଟି ଅନୁଦାନରେ ସ୍କୁଲର ରୂପାନ୍ତରିତ କରାଯାଇଥିବା ବେଳେ ବର୍ତମାନ ତାହାର ଅବସ୍ଥା ଶୋଚନୀୟ। କେବଳ ଅନୁଦାନ ଟଙ୍କାକୁ ଚଳୁ କରି ଜେଇ ଓ ଠିକାଦାର ମଧୁଚନ୍ଦ୍ରିକାରେ ଖାଲି କଳର କରି କାମ ସାରି ଦେଲେ ଯାହା କିଛି ବି କାମ କଲେ ସବୁ ନିମ୍ନମାନର କାର୍ଯ୍ୟ କରାଯାଇଥିବା ବେଳେ ଏବେ ଘର ଗୁଡ଼ିକରେ ବର୍ଷା ପାଣି ଭର୍ତି। ପିଲା କିଭଳି କ୍ଲାସରେ ବସିବେ ପାଠ, କେମିତି ପଢିବେ ଚିନ୍ତାର ବିଷୟ ପାଲଟିଛି। ନୂତନ ଭାବରେ ତିଆରି କରାଯାଇଥିବା ସ୍କୁଲର ଅଫିସ୍ ଗୃହ ଛାତରୁ ବର୍ଷା ହେଲେ ପାଣି ଗଳୁଥିବା ଯୋଗୁଁ ପ୍ରଧାନଶିକ୍ଷକ ଏକ ଜରିପୋଲ ପକାଇ ଅଫିସ୍ କାମ କରୁଛନ୍ତି। ସ୍କୁଲ ଗୁଡ଼ିକର ଉନ୍ନତିକରଣ ନିମନ୍ତେ ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏଠି ସବୁ ଅଲଗା ଚିତ୍ର ଦେଖିବାକୁ ମିଳିଛି କେବଳ ଜେଇ ଏବଂ ସମ୍ପୃକ୍ତ ଠିକାଦାର ମାନେ ମାଲେମାଲ୍ ହେଉଥିବା ବେଳେ କୌଣସି କାର୍ଯ୍ୟ ଠିକ୍‌ରୂପେ ହୋଇନଥିବା ଅଭିଯୋଗ ହେଉଛି।

## ଆବର୍ଜନା ସ୍ଥାନରୁ ନବଜାତ ଶିଶୁ କନ୍ୟା ଉଦ୍ଧାର



ମାଲକାନଗିରି,(ପି.ଏନ): ମାଲକାନଗିରି ସଦର ମହକୁମା ଅନ୍ତର୍ଗତ ତଳସାହିର ଏକ ଆବର୍ଜନା ସ୍ଥାନରୁ ଆଜି ଏକ ନବଜାତ ଶିଶୁ କନ୍ୟାକୁ ଉଦ୍ଧାର କରାଯାଇଛି।ପ୍ରାପ୍ତ ସୂଚନା ଅନୁଯାୟୀ ଆଜି ମାଲକାନଗିରି ଜିଲ୍ଲା ସଦର ମହକୁମା ତଳସାହିର ଏକ ଆବର୍ଜନା ପରିପୂର୍ଣ୍ଣ ସ୍ଥାନରେ ବ୍ରହ୍ମ ମୁହୂର୍ତ୍ତରେ ଶିଶୁର କ୍ରନ୍ଦନ ସ୍ୱର ସହି ପଡୋଶୀଙ୍କ କର୍ଣ୍ଣ ପାତ ହୋଇ ଥିଲା। ଆନୁମାନିକ କୌଣସି ବ୍ୟକ୍ତି ଏହି ଶିଶୁକନ୍ୟା କୁ ନିକଟସ୍ଥ ଆବର୍ଜନା ସ୍ଥାନରେ ରାତ୍ରର ଅନ୍ତିମ ମୁହୂର୍ତ୍ତର ସୁଯୋଗ ନେଇ ପରିତ୍ୟାଗ କରି ଚାଲିଯାଇଛି ।ସାହି ବାସିନ୍ଦା ଲୋକ ମାନେ ଅନତି ଦୂରରେ ଶିଶୁକନ୍ୟାଟିର କାନ୍ଦନ ଶୁଣି ପ୍ରଥମେ ସଠିକ ଅନୁମାନ କରିପାରୁନଥିଲେ ବେଳେ ଶିଶୁ ଟିର କ୍ରମାଗତ କ୍ରନ୍ଦନ ସ୍ୱର ଶୁଣି କିଛି ଲୋକେ ଲାଇଟ ଧରି କ୍ରନ୍ଦନ ଶିଶୁ ଆଡ଼କୁ ଯାଇ ଅନୁସନ୍ଧାନ କରିଥିଲେ। ଉକ୍ତ ସ୍ଥାନରେ ଏକ ଜରିବସ୍ତା ମଧ୍ୟରୁ ଶିଶୁଟିର କ୍ରନ୍ଦନ ଧ୍ୱନି ଶୁଣାବାକୁ ପାଇଥିଲେ। ଜରିବସ୍ତା କୁ ଭଲଭାବେ ନିରୀକ୍ଷଣ କରିବାରୁ ସଦ୍ୟ ନବଜାତ ଶିଶୁକନ୍ୟା ଦେଖିବାକୁ ପାଇଥିଲେ । ଏହା କୌଣସି ପାପଗର୍ଭ ରୁ ଜାତ ଶିଶୁ କନ୍ୟାକୁ ବୋଲି ଅନୁମାନ କରାଯାଉଛି। ନଚେତ ଶିଶୁ କନ୍ୟାଟି ଅଲୋଡା ହେତୁ କେହି ନିଷ୍ଠୁର ହୃଦୟ ଦମ୍ପତି ଏହି ପରି ଚରମ ପଦକ୍ଷେପ ନେଇଥିବା ଆଶଙ୍କା ପ୍ରକାଶ ପାଇଛି। ଆଜି ସମାଜରେ ଶିଶୁକନ୍ୟା ଅଲୋଡା ହୋଇ ପଡିଥିବା ସାହିବାସିନ୍ଦାଙ୍କ ମଧ୍ୟରେ ଆଲୋଚନାର ବିଷୟ ପାଲଟି ଥିଲା । ତେବେ ସ୍ଥାନୀୟ ଲୋକେ ଏହି ଶିଶୁ କନ୍ୟା କୁ ଦେଖି ଜିଲ୍ଲା ଚାଇଲଡ଼ ଲାଇନକୁ ଖବର ଦେଇଥିଲେ ।ଖବର ପାଇ ଚାଇଲଡ଼ ଲାଇନ କର୍ମକର୍ତ୍ତା ମାନେ ପହଞ୍ଚି ଶିଶୁକନ୍ୟାକୁ ଉଦ୍ଧାର କରିଥିଲେ। ବର୍ତ୍ତମାନ ଶିଶୁକନ୍ୟାର ସ୍ୱାସ୍ଥ୍ୟ ଅବସ୍ଥା ଠିକ ରହିଥିବା କୁହାଯାଇଛି। ତେବେ ଜନବସତି ମଧ୍ୟରେ କିଏ ଓ କାହିଁକି ଶିଶୁ କନ୍ୟାଟିକୁ ଆବର୍ଜନା ଗଦାରେ ଫୋପାଡ଼ି ଚାଲିଗଲା ସ୍ଥାନୀୟ ପୋଲିସ ତଦନ୍ତ କରୁଛି । ବର୍ତ୍ତମାନ ଏହି ଘଟଣାଟି ସମଗ୍ର ଅଞ୍ଚଳରେ ଚର୍ଚ୍ଚା କେନ୍ଦ୍ର ବିନ୍ଦୁ ପାଲଟିଛି।



ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ


# ପରିବେଶ ସୁରକ୍ଷା ଅଭିଯାନ ପକ୍ଷରୁ ସଚେତନତା ଅଭିଯାନ




ଭୁବନେଶ୍ବର,(ପି.ଏନ): ଛତାବର ଶିକ୍ଷାଞ୍ଚଳ ସ୍ଥିତ ମହାତ୍ମା ଗାନ୍ଧୀ କାରାଗାର ଓ ସଂସ୍କାର ସେବା ଏକାଡେମୀ ପରିସରରେ ଭୁବନେଶ୍ବରର 'ପରିବେଶ ସୁରକ୍ଷା ଅଭିଯାନ' ପକ୍ଷରୁ ଆଜି ପରିବେଶ ସୁରକ୍ଷା ନେଇ ଏକ ସଚେତନତା ଅଭିଯାନ ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ କର୍ତ୍ତୃପକ୍ଷଙ୍କ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ବକ୍ତାମାନେ ପରିବେଶ ସୁରକ୍ଷାର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ପରେପରେ ଏକାଡେମୀ ପରିସରରେ ୨୦୦ଟି ଚାରା ରୋପଣ କରାଯାଇଥିଲା। ଏଥିରେ ୧୦୦ଟି ବଉଳ ଚାରା ସହିତ କରଞ୍ଜ, ପେସ୍ତା ଏବଂ ଅଶୋକ ଚାରା ଅନ୍ତର୍ଭୁକ୍ତ। କାର୍ଯ୍ୟକ୍ରମରେ ଏକାଡେମୀର ୧୩୦ ଜଣ ତାଲିମଧାରୀଙ୍କ ସମେତ ଏକାଡେମୀ ଉପ ନିର୍ଦ୍ଦେଶକ ବୀରେନ୍ଦ୍ର କୁମାର ମହାଳିକ, ସହକାରୀ ନିର୍ଦ୍ଦେଶକ ଡକ୍ଟର ବୀରକିଶୋର ଦାଶ, ପରିବେଶ ସୁରକ୍ଷା ଅଭିଯାନର ସଭାପତି ଡକ୍ଟର ପ୍ରଦୀପ ରଥ, ସମ୍ପାଦକ ରଘୁନାଥ ପୃଷ୍ଟି, କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରଫେସର କଲ୍ୟାଣୀ ମହାନ୍ତି ଏବଂ ଡକ୍ଟର ନାରାୟଣ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

## ଡି.ଏ.ଭି କଳିଙ୍ଗ ନଗରରେ 'ପୁଣ୍ୟାତ୍ମା ଗୋପବନ୍ଧୁ' ପୁସ୍ତକ ବଣ୍ଟନ

ଭୁବନେଶ୍ବର ,(ପି.ଏନ): ଡି.ଏ.ଭି କଳିଙ୍ଗ ନଗର ପରିସରରେ ଓଡ଼ିଆ ଜାତିର ନମସ୍ୟ ଗୋପବନ୍ଧୁ ଦାସଙ୍କ ତ୍ୟାଗ ଓ ସେବାର ସ୍ମୃତିଚାରଣାର୍ଥେ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ତରଫରୁ ଡ. ଆରତି କରଙ୍କ ଦ୍ୱାରା ଲିଖିତ 'ପୁଣ୍ୟାତ୍ମା ଗୋପବନ୍ଧୁ'ପୁସ୍ତକ ଛାତ୍ରଛାତ୍ରୀମାନଙ୍କୁ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବରେଣ୍ୟ ଅତିଥିମାନଙ୍କ ସମେତ ବିଦ୍ୟାଳୟର ଅଧକ୍ଷ, ପର୍ଯ୍ୟବେକ୍ଷକପର୍ଯ୍ୟବେକ୍ଷିକା ତଥା ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।ଏହି ପୁସ୍ତକଟିକୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବଣ୍ଟନ କରାଯାଇ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୀବନୀକୁ ଲୋକାଭିମୁଖୀ କରିବାର ପ୍ରୟାସ କରାଯାଇଛି ।ଏହି ପୁସ୍ତକରେ ଶିଶୁ ଓ କିଶୋରମାନଙ୍କ ପାଇଁ ଅତି ସରଳ ଏବଂ ବୋଧଗମ୍ୟ ଭାଷାରେ ଗୋପବନ୍ଧୁଙ୍କ ଜୀବନୀକୁ ଆଲୋକପାତ କରାଯାଇଛି ।

# ମୁକ୍ତିଲାଭ କଲା ଓଡ଼ିଆ ଚଳଚିତ୍ର ନିୟତି



ଖୋର୍ଦ୍ଧା,(ପି.ଏନ):ଏସ୍-୩ ମୁଭିଜ୍ ସହିତ ରିସା ଫିଲ୍ମସ୍‌ର ପ୍ରଯୋଜନା ଏବଂ ସମରେଶ ରାଉତରାୟଙ୍କ ପ୍ରସ୍ତୁତିରେ ନିର୍ମିତ ହୋଇଥିବା ଓଡ଼ିଆ ଚଳଚିତ୍ର ନିୟତି ସାରା ଓଡ଼ିଶାରେ ୨୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ଚଳଚିତ୍ର ନିୟତିର ପ୍ରିମିୟର ସୋ ସ୍ୱାତି ସିନେପ୍ଲେକ୍ସ ଠାରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ସିନେ ଜଗତର ଅନେକ ପ୍ରଯୋଜକ ନିର୍ଦ୍ଦେଶକ ତଥା ଅଭିନେତା, ଅଭିନେତ୍ରୀମାନେ ଚଳଚିତ୍ର ଦେଖିବା ପାଇଁ ତଥା ସିନେ ପ୍ରେମୀଙ୍କ ମନରେ ଓଡ଼ିଆ ସିନେମା ପ୍ରତି ଆଗ୍ରହ ବଢାଇବା ପାଇଁ ଉପସ୍ଥିତ ଥିଲେ। ନିର୍ଦ୍ଦେଶକ ଅବକାଶ ସିଂ, ପ୍ରଯେଜକ ଅକ୍ଷୟ ପରିଜା, ପ୍ରଣବ ଦାସ, ସଚ୍ଚିକାନ୍ତ ଜେନା, ବିନି ପଟ୍ଟନାୟକ, ଶ୍ରୀଧର ମାର୍ଥା, ଏନ.ଗଙ୍ଗାଧର ରେଡ଼ି, ଗଦାଧର ପୁଟି, ସୁଶାନ୍ତ ମଣି ଯୁବ ପ୍ରଯୋଜକ ତଥା ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ, ଅଭିନେତ୍ରୀ ଅନୁ ଚୌଧୁରୀ, ଅଭିନେତା ପାର୍ଥ ସାରଥୀଙ୍କ ସହିତ ଚଳଚିତ୍ରର ପ୍ରଯୋଜକ ସମରେଶ ରାଉତରାୟ, ସୁଧାଂଶୁ ନାରାୟଣ ଦାସ, ପ୍ରେମଲତା ରାଉତରାୟ, ଦିବ୍ୟା ମହାନ୍ତି, ପୁପୁଲ ଭୂୟାଁ, ସୁଭ୍ରାଂଶୁ ଉଦିତ କେ.କେ. ପ୍ରମୁଖ ଉପସ୍ଥିତ ଥିଲେ। ଚଳଚିତ୍ରଟିର ନିର୍ଦ୍ଦେଶନା ଭାର ଜଣେ ଯୁବ ନିର୍ଦ୍ଦେଶକଙ୍କ କାନ୍ଧରେ ଥିବା ବେଳେ ଏକ ନିଚ୍ଛକ ମୌଳିକ କାହାଣୀକୁ ନେଇ ନିର୍ମାଣ କରିଛନ୍ତି। ଗତାନୁ ଗତିକ ସମାଜର ଘଟଣା ବଳୀକୁ ନେଇ ଯୁବ ସମାଜଙ୍କ ଉପରେ ଗୁରୁତ୍ୱ ଦେଇ ନିର୍ମିତ ଚଳଚିତ୍ର ନିୟତି କିଛି ବର୍ଷ ହେବ ଓଡ଼ିଆ ସିନେମାର ଧାରା ବଦଳୁଥିବା ବେଳେ ପ୍ରଯୋଜନା ସଂସ୍ଥା ତରଫରୁ ମଧ୍ୟ ଏହି ସିନେମା ମାଧ୍ୟମରେ ପ୍ରୟାସ ଜାରି ରଖିଛନ୍ତି। ବଳିଷ୍ଠ କାହାଣୀ ସହିତ ନୂଆ ପୁରୁଣା କଳାକାରଙ୍କୁ ନେଇ ନିର୍ମାଣ ହୋଇଛି ଚଳଚିତ୍ର ନିୟତି। ସମସ୍ତ ସିନେ ପ୍ରେମୀ ତଥା କଳାକାର ମାନେ ଏହି ଚଳଚିତ୍ର ଦେଖିବା ସହିତ ଉତ୍ସାହିତ କରିବା ଉଚିତ୍ ବୋଲି ପ୍ରଚାର ପ୍ରସାର ମୁଖ୍ୟ ପ୍ରଣୟ ଜେଠୀ ମତ ପ୍ରକାଶ କରିଛନ୍ତି।

# ପାରାଦୀପ ରୋଟାରୀ କ୍ଲବର ୨୪ତମ ପ୍ରତିଷ୍ଠା ଦିବସ ପାଳିତ : ଅକ୍ଷୟ ମିଶ୍ର ନୂତନ ସଭାପତି




ପାରାଦୀପ,(ପି.ଏନ): ପାରାଦୀପ ରୋଟାରୀ କ୍ଲବର ୨୪ତମ ଅଧିଷ୍ଠାତା ବା ପ୍ରତିଷ୍ଠା ଦିବସ ସ୍ଥାନୀୟ ପୋର୍ଟ ଅଫିସର୍ସ କ୍ଲବ ଠାରେ ଶୁକ୍ରବାର ସଂଧ୍ୟାରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ପି.ଡି.ଜି ରୋଟାରୀୟାନ ଅଜୟ ଅଗ୍ରୱାଲ ଓ ଡି.ଜି.ଏନ ରୋଟାରୀୟାନ ମନୋଜ ତ୍ରିପାଠୀ ଯଥାକ୍ରମେ ମୁଖ୍ୟ ଅତିଥି ଏବଂ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ପାରାଦୀପ ରୋଟାରୀ କ୍ଲବର ନୀତି, ଆଦର୍ଶ ଓ ଆଭିମୁଖ୍ୟକୁ ଭୁୟସୀ ପ୍ରଶଂସା କରିବା ସହିତ କ୍ଲବର ସର୍ବାଙ୍ଗିନ ଉନ୍ନତି ପାଇଁ ସମସ୍ତ ସଦସ୍ୟ ମାନଙ୍କୁ ଉପଦେଶ ଦେଇଥିଲେ। ଏଥିରେ ରୋଟାରୀୟାନ ଡଃ. ସୁରେନ୍ଦ୍ର ମୋହନ ମିଶ୍ର ଏହି ଉତ୍ସବର ସଂଯୋଜନା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ରୋଟାରୀୟାନ ଗଣେଶ୍ୱର ପାତ୍ର ୨୦୨୨-୨୩ ବର୍ଷର ବିବରଣୀ ପାଠ କରିଥିଲେ । ଏହି ଉତ୍ସବରେ ଆସ'। ୨୦୨୩-୨୪ ବର୍ଷ ପାଇଁ ଲେଫଟ୍‌ନାଂଟ କମାଣ୍ଡର ରୋଟାରୀୟାନ ଅକ୍ଷୟ ଚନ୍ଦ୍ର ମିଶ୍ର ସଭାପତି ଭାବେ ମନୋନୀତ ହୋଇଥିବ। ବେଳେ ଡଃ. ରବିନ୍ଦ୍ର ନାଥ ବାରିକ ପାରାଦୀପ ରୋଟାରୀ କ୍ଲବର ସମ୍ପାଦକ ଭାବେ ଶପଥ ଗ୍ରହଣ କରିଥିଲେ । ଏହି ଅବସରରେ କ୍ୟାପଟେନ୍ ପ୍ରେମାନନ୍ଦ ରାଉତ, ଅକ୍ଷୟ ଚନ୍ଦ୍ର ସୁତାର ଏବଂ ହରିହର ଦାସ ପ୍ରମୁଖ ନୂତନ ସଦସ୍ୟ ଭାବେ ଶପଥ ଗ୍ରହଣ କରିଥିଲେ। ରୋଟାରୀୟାନ ବିପ୍ଳବ କୁମାର ଜେନା ସମ୍ମାନୀତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ରୋଟାରୀୟାନ ଡଃ. ରବିନ୍ଦ୍ର ନାଥ ବାରିକ ମୁଖ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରି ୨୦୨୩-୨୪ ବର୍ଷ ପାଇଁ ସମ୍ପାଦକ ଭାବେ ନିଜର ଅଭିଭାଷଣ ଦେଇଥିଲେ। ଏହି ଉତ୍ସବରେ ପାରାଦୀପ ରୋଟାରୀ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗର ହାତ ବଢାଇ ଥିଲେ । ଶେଷରେ ରୋଟାରୀୟାନ ଅକ୍ଷୟ କୁମାର ପଲାଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ଧାଳୋ ପଞ୍ଚାୟତର ଅନିୟମିତତା ଅଭିଯୋଗରେ ଦ୍ୱିତୀୟ ବାର ତଦନ୍ତ ଆଦେଶ ଦେଲେ ଜିଲ୍ଲାପାଳ

ଦର୍ପଣ,(ପିଏନ)- ଯାଜପୁର ଜିଲ୍ଲା ବଡଚଣା ବ୍ଲକ ସଦାସର୍ବଦା ଦୁର୍ନୀତି ପାଇଁ ଚର୍ଚ୍ଚାରେ ରହି ଆସିଅଛି। ବିଗତ କିଛି ବର୍ଷ ହେବ ଏହା ଚରମ ସୀମାରେ ପହଞ୍ଚିଛି। ଏପରି ଏକ ଦୁର୍ନୀତି ବିଷୟରେ ଜନସାଧାରଣଙ୍କ ଅଭିଯୋଗ ପାଇ ଦ୍ୱିତୀୟ ବାର ଚିଠି ନଂ ୯୭୧ରେ ଚିଠି କରି ତଦନ୍ତ ଆଦେଶ ଦେଇଛନ୍ତି ଯାଜପୁର ଜିଲ୍ଲାପାଳ ଚକ୍ରବର୍ତ୍ତି ସିଂ ରାଠୋର। ଜାଲ ଜିଏସଷ୍ଟି ଭାଉଚରରେ କିଣା ଯାଇଥିବା ଆସବାପତ୍ର ଅଭିଯୋଗ ମାମଲାରେ ଛନ୍ଦି ହୋଇଛନ୍ତି ଜିପିଓ ଅମୀୟ ରଞ୍ଜନ ନାଥ । ଦୀର୍ଘ ଦିନ ହେଲା ଗାଦି ମାଡି ବସିଥିବା ଜିପିଓ ନକଲି ଜିଏସଷ୍ଟି ଭାଉଚର ଦେଇ ପଂଚାୟତର ଆସବା ପତ୍ର କ୍ରୟ ନାମରେ ୩ଲକ୍ଷ ୫୨ ହଜାର ୨ ଶହ ୬୪ ଟଙ୍କା ବିଲ ହୋଇଥିବା ଜଣା ପଡ଼ିଛି । ଫାଇଲରେ ଉଲ୍ଲେଖ ଥିବା ନାମିଦାମୀ କମ୍ପାନୀ ର ଆସବାପତ୍ର ପଂଚାୟତ କୁ ଆସିନାହିଁ । ବ୍ଲକ ପ୍ରଶାସନ ଏହି ଅନିୟମିତତା ଜାଣିଥିଲେ ମଧ୍ୟ ଚପାଇ ରଖିଛି। ବିଶେଷ ସୂତ୍ରରୁ ପ୍ରକାଶ ଯେ ୨୦୨୧-୨୨ଆର୍ଥିକ ବର୍ଷରେ ଚତୁଃଦର୍ଶ ଅର୍ଥ କମିଶନ ଅନୁଦାନରେ ବଡ଼ଚଣା ବ୍ଲକ ବନ୍ଧାଳ ପଂଚାୟତ ର୍ଯ୍ୟଳୟ ପାଇଁ ଆସବା ପତ୍ର କ୍ରୟ କରାଯାଇଥିଲା । ବିଲ ଭାଉଚର ନମ୍ବର ଏଫ ଏଫ ସି ୨୧ -୨୨ ପି ୧୫ , ତାରିଖ ୯.୧୨.୨୦୨୧ରେ ୩ ଲକ୍ଷ ୫୨ହଜାର ୨୬୪ ଟଙ୍କା ଜିପିଓଙ୍କୁ ବିଲ ବାବଦରେ ପୈଠ କରାଯାଇଛି । ଏହି ଆସବା ପତ୍ର ଗୁପ୍ତା ଡିଷ୍ଟ୍ରିବୁଟର ନେଉଳପୁରରୁ କ୍ରୟ କରାଯାଇଛି ବୋଲି ଦର୍ଶା ଯାଇଛି । କିଣା ଯାଇଥିବା ୮ ପ୍ରକାର ଆସବା ପତ୍ର କିଣା ବାବଦକୁ ଏହାର ମୂଲ୍ୟ ୩ ଲକ୍ଷ ୧୧ ହଜାର ୬୨୬ ଟଙ୍କା ଥିବା ବେଳେ ଜିଏସଷ୍ଟି ବାବଦକୁ ୪୧ ହଜାର ୪୩୦ନିଆଯାଇଛି ବୋଲି ଦର୍ଶା ଯାଇଛି । ଭାଉଚରରେ ଗୁପ୍ତା ଡିଷ୍ଟ୍ୟୁବ୍ୟୁଟର ଜିଏସଷ୍ଟି ନମ୍ବର ୨୧ ଏଏଏନ ଏଫ.ଜି ୮୪୩୫ ଇ ୧ ଜେଡ଼ପି ବୋଲି ଉଲ୍ଲେଖ ଅଛି। ଏ ନେଇ ଅଭିଯୋଗ ପରେ ଜିଲ୍ଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତକାରି ଅଫିସର ୧୯ ତାରିଖ ବୁଧବାର ଦିନ ତଦନ୍ତ ସାରି ଫେରିଛନ୍ତି .ପୂର୍ବରୁ ମଧ୍ୟ ଏହି ଦୁର୍ନୀତି ଅଭିଯୋଗ ପାଇ ଜିଲ୍ଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

# ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ଗ୍ରୀନ୍ ସାଆନ୍ତା ଓ ଗ୍ରୀନ୍ ମାଧପୁର ଅଭିଯାନ




ଖୋର୍ଦ୍ଧା,(ପି.ଏନ): ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ କାଇପଦର ଶ୍ରୀଜଗନ୍ନାଥ କଲେଜ ଜାତୀୟ ସେବା ଯୋଜନା ପକ୍ଷରୁ ଗ୍ରୀନ୍ ସାଆନ୍ତା ଓ ଗ୍ରୀନ୍ ମାଧପୁର ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ଅବସରରେ ଜାତୀୟ ସେବା ଯୋଜନାର ସ୍ୱଚ୍ଛାସେବୀ ଓ ସ୍ୱେଚ୍ଛାସେବୀନି ମାନେ ମହାବିଦ୍ୟାଳୟର ଅଧକ୍ଷ ତରୁଣ କାନ୍ତି ରାୟ ଜାତୀୟ ସେବା ଯୋଜନା କାର୍ଯ୍ୟକର୍ମ ଅଧିକାରିଣୀ ଅଧାପିକା ଅନୁପମା ଚମ୍ପତି ରାୟ ଅଧାପକ ପ୍ରତାପ ଛୋଟରାୟ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ମାନସ ଜୟସିଂହ, କାର୍ଯ୍ୟକ୍ରମ ଅଧିକାରିଣୀ ସ୍ୱୟଂ ପ୍ରଜ୍ଞା ମାନ୍ଧାତା, ସୁଧାଂଶୁ ରଣସିଂହ, ଡ଼. ଜନ୍ମେଜୟ ଚୌଧୁରୀ, ମଧୁସୂଦନ ପାଇକରାୟ, ଉମାକାନ୍ତ ମହାପାତ୍ର ପ୍ରମୁଖ ଏକ ବିରାଟ ଶୋଭାଯାତ୍ରାରେ ଇଚ୍ ୱାନ ପ୍ଲାଂଟ ୱାନ ସେଭ୍ ଟ୍ରୀ ସେଭ୍ ଲାଇଫ୍। ଗଛଟିଏ ଜୀବନଟିଏ ଆଦି ନାରାଦେଇ ଉଭୟ ମାଧପୁର ଓ ସାଆନ୍ତା ଗ୍ରାମରେ ଏକ ଶୋଭାଯାତ୍ରାରେ ପରିକ୍ରମା କରିଥିଲେ। ଏହି ଅବସରରେ ଉଭୟ ଗ୍ରାମର ପ୍ରତ୍ୟେକ ପରିବାରକୁ ଆମ୍ବ ପିଜୁଳି, ସେପଟା, ଡ଼ାଳିମ୍ବ ଅମୃତ ଭଣ୍ଡା ଆଦି ଚାରା ବଂଟନ କରିବା ସହିତ ସାଆନ୍ତା ରାମମନ୍ଦିର ପରିସର ଓ ମାଧପୁର ମହାଦେବ ମନ୍ଦିର ପରିସରରେ ବୃକ୍ଷ ରୋପଣ କରିଥିଲେ ପ୍ରତ୍ୟେକ ଗ୍ରାମବାସୀ ଏହି ଗଛକୁ ବଂଚାଇ ରଖିଲେ ପରିବେଶ ସୁରକ୍ଷା ହେବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ବଢ଼ିବ ଓ ସେମାନଙ୍କ ଅର୍ଥନୈତିକ ପୋଷଣରେ ସହାୟକ ହେବ ବୋଲି ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରିଣୀ ଅଧାପିକା ଅନୁପମା ଚମ୍ପତି ରାୟ ଗ୍ରାମବାସୀମାନଙ୍କୁ ବୁଝାଇ ଥିଲେ। ଏହି ଦୁଇ ଗ୍ରାମକୁ ସୁବଜ ସୁନ୍ଦର କରାଯିବା ପାଇଁ କାଇପଦର କଲେଜ ଜାତୀୟ ସେବା ଯୋଜନା ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ଶ୍ରୀମତୀ ଚମ୍ପତିରାୟ ସେମାନଙ୍କୁ କହିଥିଲେ। ଏହି ଚାରା ଗୁଡ଼ିକ ପ୍ରେରଣା ଆନ୍ତର୍ଜାତୀୟ ସବୁଜ ବାହିନୀ ପକ୍ଷରୁ ଯୋଗାଇ ଦିଆଯାଇଛି ବୋଲି ଅଧାପିକା ଚମ୍ପତି ରାୟ କହିଛନ୍ତି।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray